Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 239
Friday, 6 November 2026
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୬ ନଭେମ୍ବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଉଁଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ପୁଣ୍ଡା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



କେନ୍ଦ୍ରୀୟ ଟିମକୁ ୨,୫୨୬ କୋଟି ସହାୟତା ମାଗିଲା ଓଡିଶା



ଭୁବନେଶ୍ୱର, ୫/୧୧ (ଆ.ପ୍ର) : ସାମୁଦ୍ରିକ ବତ୍ୟା 'ଅର୍ଥ' ଓ ଏହା ପରବର୍ତ୍ତୀ ପ୍ରଳୟଙ୍କରା ବନ୍ୟା ଯୋଗୁ ଦକ୍ଷିଣ ଓଡ଼ିଶାର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବାବେଳେ ରାଜ୍ୟ ସରକାର ଏବେ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର ଜାରି ରଖିଛନ୍ତି । ପ୍ରଭାବିତ ଜିଲ୍ଲାଗୁଡ଼ିକରେ ପ୍ରାରମ୍ଭିକ କ୍ଷୟକ୍ଷତି ଉଜାଣି ନିମନ୍ତେ ରାଜ୍ୟ ସରକାର ଆଜି କେନ୍ଦ୍ରୀୟ ଟିମ୍ ନିଜତରେ ୨୫୨୬ କୋଟି ଟଙ୍କାର ଆର୍ଥିକ ସହାୟତା ଦାବି କରିଛନ୍ତି । ଏଥାସହିତ ଦାଉୟାର ବିପର୍ଯ୍ୟୟର ଶିକାର ହେଉଥିବା ଓଡ଼ିଶାର ବୃଦ୍ଧ ଭିତ୍ତିଭୂମି ନିର୍ମାଣ ଉଦ୍ଦେଶ୍ୟରେ ଆଉ ୧୦ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ଆର୍ଥିକ ସାହାଯ୍ୟ କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶା ନିଜର ଦାବି ଉପସ୍ଥାପନ କରିଛି । ଅର୍ଥର କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିବା ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଉଚି ଶଙ୍କରଙ୍କ ନେତୃତ୍ୱରେ ଆସିଥିବା ୮ ଜଣିଆ ଆନ୍ତଃମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ ଗଜପତି ଓ ଗଞ୍ଜାମ ଜିଲ୍ଲାର ଖଡିଗ୍ରସ୍ତ ଅଂଚଳ ବୁଲି ଦେଖିବା ପରେ ଆଜି ଲୋକସେବା ଭବନରେ ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଜଇଣ୍ଟରାୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ପରେ କେନ୍ଦ୍ରୀୟ ଟିମ୍ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟ ସାକ୍ଷାତ କରି ପ୍ରଭାବିତ ଅଂଚଳର ବାସ୍ତବ ଚିତ୍ର ଉପରେ ଆଲୋଚନା କରିଥିଲେ । ସମୀକ୍ଷା ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ରାଜେଶ ପ୍ରସାଦର ପାଟିଲ କହିଛନ୍ତି ଯେ, ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରୁ ଆସିଥିବା ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟ ଆଧାରରେ କେନ୍ଦ୍ରୀୟ ଟିମ୍ ଆଗରେ ୨୫୨୬ କୋଟି ଟଙ୍କାର ଆର୍ଥିକ ସହାୟତା ପାଇଁ ପ୍ରସ୍ତାବ ଦିଆଯାଇଛି । ଏହାସହିତ ବନ୍ୟା ଓ ବାତ୍ୟାର ବାରମ୍ବାର ମୁକାବିଲା କରିବା ଲାଗି ସ୍ଥାୟୀ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଅତିରିକ୍ତ ୧୦ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପାଇଁ ଦୃଢ଼ ଦାବି ରଖାଯାଇଛି । ତେବେ ଏହା ଏକ ପ୍ରାଥମିକ ଆକଳନ ମାତ୍ର, କ୍ଷେତ୍ରସ୍ତରରେ ଚାଲିଥିବା ବିସ୍ତୃତ ଜିଲିଫ୍ କମିଶନର (ଏସଆରସି) ରାଜେଶ ପ୍ରସାଦର ପାଟିଲ କହିଛନ୍ତି ଯେ, ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରୁ ଆସିଥିବା ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟ ଆଧାରରେ କେନ୍ଦ୍ରୀୟ ଟିମ୍ ଆଗରେ ୨୫୨୬ କୋଟି ଟଙ୍କାର ଆର୍ଥିକ ସହାୟତା ପାଇଁ ପ୍ରସ୍ତାବ ଦିଆଯାଇଛି । ଏହାସହିତ ବନ୍ୟା ଓ ବାତ୍ୟାର ବାରମ୍ବାର ମୁକାବିଲା କରିବା ଲାଗି ସ୍ଥାୟୀ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଅତିରିକ୍ତ ୧୦ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପାଇଁ ଦୃଢ଼ ଦାବି ରଖାଯାଇଛି । ତେବେ ଏହା ଏକ ପ୍ରାଥମିକ ଆକଳନ ମାତ୍ର, କ୍ଷେତ୍ରସ୍ତରରେ ଚାଲିଥିବା ବିସ୍ତୃତ ଜିଲିଫ୍ କମିଶନର ରାଜେଶ ପ୍ରସାଦର ପାଟିଲ କହିଛନ୍ତି । ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ହେକ୍ଟର ହେକ୍ଟର ଚାଷଜମିରେ ଫସଲ ନଷ୍ଟ ହେବା ସହ ଜାତୀୟ ରାଜପଥ, ପୂର୍ତ୍ତ ବିଭାଗ ଓ ଗ୍ରାମାଂଚଳ ରାସ୍ତାଘାଟ, ଟ୍ରିନ୍, ବିଦ୍ୟୁତ୍ ଭିତ୍ତିଭୂମି, ନଦୀବନ୍ଧ ଓ କେନାଲ ବ୍ୟାପକ ଭାବେ ଧୋଇଯାଇଛି । ମାଛ ଚାଷ ପୋଖରୀ ସମେତ ବିପୁଳ ପରିମାଣର ପ୍ରାଣୀସମ୍ପଦ ହାନି ଘଟିଛି । କେନ୍ଦ୍ରୀୟ ଟିମ୍ ନିଜ କ୍ଷେତ୍ର ପରିଦର୍ଶନ ଅଭିଜ୍ଞତା ବଖାଣି କ୍ଷୟକ୍ଷତିର ମାତ୍ରା ବେଶ୍ ଅଧିକ ବୋଲି ସ୍ୱୀକାର କରିବା ସହ ପ୍ରତ୍ୟେକ ପ୍ରଭାବିତ ଗାଉଲୁ ଯାଇ ସର୍ଭେ କରିବାକୁ ପରାମର୍ଶ ଦେଇଛନ୍ତି ଓ ପୁନରୁଦ୍ଧାର ଲାଗି କେନ୍ଦ୍ର ପକ୍ଷରୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି । ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗ ୧୯୯୯ ମସିହା ମହାବାତ୍ୟା ପରଠାରୁ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ଦକ୍ଷତା ସମ୍ପର୍କରେ କେନ୍ଦ୍ରୀୟ ଟିମକୁ ଅବଗତ କରାଇ କହିଥିଲେ ଯେ, ରାଜ୍ୟ ଦାଉୟାର ଏପରି ପ୍ରାକୃତିକ ବିପତ୍ତିର ସଚ୍ଚୁଖୀନ ହେଉଥିବାରୁ ଜନଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ଏକ ସ୍ଥାୟୀ ତଥା ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ଗଠନ ଏକାନ୍ତ ଜରୁରୀ । ବିଶେଷକରି ନଦୀବନ୍ଧ ଓ କେନାଲଗୁଡ଼ିକର ଉଚ୍ଚତା ବୃଦ୍ଧି ତଥା ସୁଦୃଢ଼ୀକରଣ ଦିଗରେ ଦୀର୍ଘମିଆଦୀ ଯୋଜନା ତୁରନ୍ତ ଆରମ୍ଭ କରାଯିବା ଆବଶ୍ୟକ ରହିଛି । ଆଜିର ଏହି ବୈଠକରେ ଉନ୍ନୟନ କମିଶନର ବେଙ୍କଟେଶ୍ୱର କୁମାର ସିଂ, ରାଜସ୍ୱ ବିଭାଗ ସଚିବ ବେଙ୍କଟେଶ୍ୱର କୁମାର ପାତ୍ରୋ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରସାଦର ପାଟିଲଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ବୋଲି ଜଣାପଡ଼ିଛି ।

ଆନ୍ଧ୍ରରେ ଭୋଟ ଦେଲେ ଓଡିଶା ଭୋଟର



ପାଡ଼ୁପୁର, ୫/୧୧ (ଆ.ପ୍ର) : ପଡୋଶୀ ଆନ୍ଧ୍ରରେ ଜିଲ୍ଲାପରିଷଦ ନିମନ୍ତେ ଭୋଟ ଗ୍ରହଣ ଗୁରୁବାର ହୋଇଯାଇଛି । ଆନ୍ଧ୍ରରେ ଭୋଟ ଗ୍ରହଣ ହେଲେ ଓଡିଶା ଆନ୍ଧ୍ର ସୀମାନ୍ତବର୍ତୀ ଗ୍ରାମର ଭୋଟରଙ୍କ ଭୂମିକା କେଶ୍ ଗୁରୁତ୍ୱ ବହନ କରୁଛି । ଏହି ପରିପେକ୍ଷୀରେ ପାଡ଼ୁପୁର ବ୍ଲକର ବୁମା ଫଂଚାୟତ ଅନ୍ତର୍ଗତ କୁଲାଡି, ବାଙ୍କୁଆସାହି ଓ ବୁରାଡାଲ ଫଂଚାୟତ ଅନ୍ତର୍ଗତ ଗୁଡ଼ିଖଜାରୁ ଶତାଧିକ ଲୋକ ପଡୋଶୀ ରାଜ୍ୟ ଆନ୍ଧ୍ର ଯାଇ ଭୋଟ ଦେଇଥିବା ଜଣାପଡିଛି । ଯାହାକୁ ନେଇ ସମସ୍ତେ କୋଟିଆକୁ ଧରିଲେ ସୀମାନ୍ତ ପାଡ଼ୁପୁରକୁ ଛାଡିଲେ ବୋଲି ପାଡୁପୁର ଫଂଚାୟତ ଚର୍ଚ୍ଚା ଜୋର ଧରିଛି । ଗୁରୁବୁଧିପୂର୍ବ କଥା ହେଲା ଭୋଟ ଦେବା କଥା ଜଣିଡା ସତ୍ତେ ପାଡ଼ୁପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ଭୋଟ ବାରଣ କରାଯାଇଥିଲା ଯାହା ଫଳରେ ପ୍ରଶାସନର ଲକ୍ଷରେ କିଛି ଲୋକ ଭୋଟ ଦେବାକୁ ଯାଇ ନଥିଲେ ହେଲେ ଚଳିତ ନିର୍ବାଚନ ତେଜେ କାହାକୁ ଭୟ ନଥିବା ପରି ମନେ ହେଉଥିଲା । କୁଲାଡି, ବାଙ୍କୁଆସାହି ଓ ଗୁଡ଼ିଖଜା ଗ୍ରାମରୁ ଗୁଡ଼ିକର ଯୋଗେ ଆନ୍ଧ୍ରର ଦୁରାଗସିଙ୍ଗି ବିଦ୍ୟାଳୟକୁ ଯାଇ ଫେରୁଥିବା ଦେଖିବାକୁ ମିଳିଥିଲା । ଆମକୁ ଭଡା, ଘର, ବିଜୁଳି, ଶିକ୍ଷା, ରାସ୍ତା, କାମ ଓ ଠିକଣା ସମୟରେ ସୃଷ୍ଟା ପରାଶା ଆନ୍ଧ୍ର ପ୍ରଶାସନ କରୁଛି ଆମେ ଭୋଟ ଦିଅୟ ଦେବୁ ବୋଲି କିଛି ଗ୍ରାମବାସୀ କହୁଥିବା ଦେଖିବାକୁ ମିଳିଥିଲା ।

ଜିଲ୍ଲା ପ୍ରଶାସନ ପକ୍ଷରୁ ଗଙ୍ଗାଡାହ୍ ଗ୍ରାମରେ ଡେରା ପକେଇ ଥିବା ଦେଢେ ଗଞ୍ଜାମ ପ୍ରଶାସନ ଜିୟା ପାଡ଼ୁପୁର ବ୍ଲକର ଜଣେ ବି ଅଧିକାରୀ ସେଠାରେ ନଥିବା ଦେଖା ଯାଇଥିଲା । ସୂଚନା ଥାଉ କି ଆବାସ ଯୋଜନା, ଭତା, ପାନୀୟ ଜଳ, ମନରେଗାରେ କାମ ଓ ଗାଈଜ ଭଳି ସରକାରୀ ସୁବିଧାର ଲାଭ ଦେଖାଇ ସୀମାନ୍ତ ଗ୍ରାମବାସୀଙ୍କୁ ନିଜ ଆଡ଼କୁ ଟାଣିବାକୁ ଉଦ୍ୟମ କରୁଛି । ଆନ୍ଧ୍ର ନିର୍ବାଚନରେ ଭୋଟ ଦେଲେ ଅଧିକ ସୁବିଧା ମିଳିବ । ନତେତ ମିନୁଥିବା ସରକାରୀ ଯୋଜନାରୁ ବଂଚିତ ହୋଇଯିବା ପ୍ରରୋଚନ ଦେଖାଉଥିବା ଜଣାପଡିଛି । ଅନ୍ୟପକ୍ଷରେ ଗତ ନିର୍ବାଚନ ସମୟରେ ସୀମାନ୍ତବର୍ତୀ ଗ୍ରାମରେ ପାଡ଼ୁପୁର ବ୍ଲକ ପ୍ରଶାସନ ପକ୍ଷରୁ ଡେରା ପକାଇଥିଲା ଯାହା ଫଳରେ ପ୍ରଶାସନର ଲକ୍ଷରେ କିଛି ଲୋକ ଭୋଟ ଦେବାକୁ ଯାଇ ନଥିଲେ ହେଲେ ଚଳିତ ନିର୍ବାଚନ ତେଜେ କାହାକୁ ଭୟ ନଥିବା ପରି ମନେ ହେଉଥିଲା । କୁଲାଡି, ବାଙ୍କୁଆସାହି ଓ ଗୁଡ଼ିଖଜା ଗ୍ରାମରୁ ଗୁଡ଼ିକର ଯୋଗେ ଆନ୍ଧ୍ରର ଦୁରାଗସିଙ୍ଗି ବିଦ୍ୟାଳୟକୁ ଯାଇ ଫେରୁଥିବା ଦେଖିବାକୁ ମିଳିଥିଲା । ଆମକୁ ଭଡା, ଘର, ବିଜୁଳି, ଶିକ୍ଷା, ରାସ୍ତା, କାମ ଓ ଠିକଣା ସମୟରେ ସୃଷ୍ଟା ପରାଶା ଆନ୍ଧ୍ର ପ୍ରଶାସନ କରୁଛି ଆମେ ଭୋଟ ଦିଅୟ ଦେବୁ ବୋଲି କିଛି ଗ୍ରାମବାସୀ କହୁଥିବା ଦେଖିବାକୁ ମିଳିଥିଲା ।

୬୩ ପ୍ରକଳ୍ପର ଜମି ଆବଂଟନ ମଞ୍ଜୁର

ଭୁବନେଶ୍ୱର, ୫/୧୧ (ଆ.ପ୍ର) : ଇଜ୍‌କୋଲ ଅଧ୍ୟକ୍ଷ ତଥା ସ୍ୱତ୍ତ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ଜମି ଆବଂଟନ କମିଟି ବୈଠକରେ ୬୩ଟି ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ସେଥି ମଧ୍ୟରୁ ୫୫ଟି ଜମି ଆବଂଟନ ପ୍ରସ୍ତାବ ଏବଂ ୮ଟି ଖୁଚୁରା, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ସମ୍ପର୍କିତ ପ୍ରସ୍ତାବ ଥିଲା । ଜମି ଆବଂଟନ ପ୍ରସ୍ତାବଗୁଡ଼ିକର ନିୟମିତ ଓ ସମୟାୟିତ ବିଚାର ପାଇଁ ଏବେ ପ୍ରତି ମାସରେ ଜମି ଆବଂଟନ କମିଟି ବୈଠକ ଅନୁଷ୍ଠିତ ହେଉଛି । ଏଥିସହ ନିବେଶକ ଓ ଉଦ୍ୟୋଗୀମାନଙ୍କ ଅଭିଯୋଗ ଶୁଣିବା ଓ ତାହାର ସମାଧାନ ପାଇଁ ପ୍ରତି ସପ୍ତାହରେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ପ୍ରକ୍ରିୟାରେ ବିଳମ୍ବ ହ୍ରାସ କରିବା, ସ୍ୱଚ୍ଛତା ବୃଦ୍ଧି କରିବା, ବ୍ୟବସାୟିକ ସୁଗମତାକୁ ଅଧିକ ମଜବୁତ କରିବା ଓ ନିବେଶକ ଓ ଉଦ୍ୟୋଗୀମାନଙ୍କ ପ୍ରସ୍ତାବକୁ ବାସ୍ତବ ପ୍ରକଳ୍ପରେ ପରିଣତ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟ ରଖି ଇଜ୍‌କୋ ପକ୍ଷରୁ ଏହି ବୈଠକଗୁଡ଼ିକୁ ଆୟୋଜନ କରାଯାଉଛି ।

ଓଡ଼ିଶାରେ ସାମୁଦ୍ରିକ ପର୍ଯ୍ୟଟନ ଓ ଅର୍ଥନୀତିର ହେବ ବ୍ୟାପକ ସଂସ୍କାରଣ

ପୁରୀ, ୫/୧୧ (ଆ.ପ୍ର) : ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ବିଶାଳ ସମୁଦ୍ର ତଟରେ ପରିପୂର୍ଣ୍ଣ ଓଡ଼ିଶା ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଅପାର ସମ୍ଭାବନା ରହିଛି । ଓଡିଆ ସାଧବ ପୁଅର ଅଚାତରେ ଜାଭା, ସୁମାତ୍ରା, ବର୍ଣ୍ଣିଓ ଭଳି ବିଦେଶରେ ବ୍ୟବସାୟର ସୃଷ୍ଟିର ଅଧ୍ୟାୟ ଓ ଗାଉମାନ୍ଥୁ ଉଜ୍ଜିବୀତ କରି ରାଜ୍ୟରେ ବିଜେପିର ଡବଲ୍ ଇଞ୍ଜିନ୍ ସରକାର ଗଠନ ହେବା ପରେ ପର୍ଯ୍ୟଟନ ଭିତ୍ତିଭୂମିର ଉନ୍ନତିକରଣ, ଆଧୁନିକୀକରଣ ଏବଂ ସମ୍ଭାବନାକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି । ଏହି କ୍ରମରେ ପୁରୀକୁ ଏକ ପ୍ରକୃତ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ଭାବେ ପରିଣତ କରିବା ପାଇଁ ସଡ଼କ ପଥ, ରେଳପଥ, ଆକାଶ ପଥ, ଜଳପଥ ଏବଂ ସୋତର ଶିଳ୍ପର ବିକାଶ ଉପରେ କ୍ରମାଗତ ଗୁରୁତ୍ୱ ଦିଆଯାଉଛି ।

ଗିଡ଼ିପା ବାଲି ଭୂସ୍ଖଳନ : ଗୋଟିଏ ପରିବାରର ୫ ମୃତ ଦେହ ଉଦ୍ଧାର





ଜି.ଉଦୟଗିରି, ୫/୧୧ (ଆ.ପ୍ର) : କନ୍ଧମାଳ ଏବଂ ଗଞ୍ଜାମ ଜିଲ୍ଲା ସୀମାନ୍ତ ବାଲକାଲି ପଂଚାୟତ ଗିଡ଼ିପାରାଣି ଗ୍ରାମରେ ଘଟିଥିବା ଭୂସ୍ଖଳନ ସ୍ଥାନରେ ଗୁରୁବାର ସକାଳୁ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିବା ମାଟି ତଳେ ନିଖୋଜ ଥିବା ୧୩ ଜଣିଆଙ୍କୀ ଙ୍କ ମଧ୍ୟରୁ ପୂର୍ବରୁ ୨ ଜଣଙ୍କ ଶବ ଉଦ୍ଧାର ହୋଇଥିବା ବେଳେ ଆହୁରି ୧୧ ଜଣ ମାଟି ତଳେ ପୋତି ହୋଇ ରହିଥିଲେ ।ପ୍ରଶାସନ ତରଫରୁ ୪ ଦିନ ଧରି ଉଦ୍ଧାର କାର୍ଯ୍ୟ ପରେ ଉଦ୍ଧାର କାର୍ଯ୍ୟ କୁ ସ୍ଥଗିତ ରଖି ନିଖୋଜଙ୍କ ଉଦ୍ଦେଶ୍ୟରେ ସରକାର ଙ୍କ କୃତ୍ରିମ ଶବ ସତ୍କାର କରିବାକୁ ଯୋଜନା ଫେଲ ହୋଇଥିଲା ।ବୁଧବାର ସମ୍ପର୍କୀୟ ମାନେ ପ୍ରକୃତ ମୃତଦେହ ଉଦ୍ଧାର ପରେ ହିଁ ଶବ ସତ୍କାର କରାଯିବ ବୋଲି ଅଡ଼ି ବସିଥିଲେ ।ଗୁରୁବାର ସକାଳୁ ବାଲିଗୁଡ଼ାରୁ ଉପଜିଲ୍ଲାପାଳ ପ୍ରାଣତୋଷ ଦାସ, ଜି.ଉଦୟଗିରି ବିଡିଓ ସତ୍ୟ ନାରାୟଣ ମିଶ୍ର, ତହସିଲଦାର ସମୁରୁ ମିଶ୍ର କିରାପାଙ୍କା ଆଶ୍ରୟସ୍ଥଳ ଠାରେ ଉଦ୍ଧାର ଲଣ୍ଠାତି ପ୍ରସ୍ତୁତ କରିବା ପରେ ସେଠାରୁ ତହସିଲଦାର ସମୁରୁ ମିଶ୍ର ନେତୃତ୍ୱରେ ଓଡ଼ାଫ, ଅଗ୍ନିଶମ,ଏଓଞ୍ଚଡି ଙ୍କ ମିଳିତ ୮୦ ଜଣିଆ ଉଦ୍ଧାରାଳାରୀ ଦଳ ସହ ସମ୍ପର୍କୀୟ ମାନେ ଭୂସ୍ଖଳନ ସ୍ଥଳରେ ପହଂଚିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା । ସ୍ଥାନୀୟ ତହସିଲଦାର ଘଟଣା ସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତାଲିଥିଲା ବହୁ ସମୟ ଧରି ମାଟି ଖୋଳା ଖୋଳି ପରେ ଦେଖିବାକୁ ମିଳିଥିଲା ଭୂସ୍ଖଳ ବିଦାରଣ ଦୃଶ୍ୟ ଗୋଟିଏ ପରିବାରର ସମସ୍ତ ୫ ଜଣ ସଦସ୍ୟ ଘର ଭିତରେ କନ୍ଥଳ ଘୋଡ଼େଇ ଶୋଇଥିବା ଅବସ୍ଥାରେ ଚାପି ହୋଇ ରହିଥିବା ଦେଖିବାକୁ ମିଳିଥିଲା ।ସେମାନଙ୍କ ମଧ୍ୟରୁ ଦିଢ଼ଇପ୍ରଧାନ ,ସୀ ଭୂମିକା ପ୍ରଧାନ,ଦୁଇ ଝିଅ ବିଜୟଲକ୍ଷ୍ମୀ ପ୍ରଧାନ, ଗାଜଲକ୍ଷ୍ମୀ ପ୍ରଧାନ ଏବଂ ଜଣେ ପୁଅ ଅରୁଣ ପ୍ରଧାନ କୁ ଉଦ୍ଧାର କରାଯାଇଥିଲା । ପ୍ରାପ୍ତ ସୂଚନା ଅନୁସାରେ ଉଦ୍ଧାର କରାଯାଇଥିବା ଗୋଟିଏ ପରିବାର ସମସ୍ତ ସଦସ୍ୟ ଙ୍କ ସେହି ସ୍ଥାନରେ ହିଁ ଶେଷ କୃତ୍ୟ ସମ୍ପର୍ଣ୍ଣ କରାଯାଇଥିବା ନେଇ ମୃତ ବିଜୟ ଙ୍କ ପାଟ ଭାଇ ଅଜୟ ପ୍ରଧାନ ସୂଚନା ଦେଇଛନ୍ତି ।ଶୁକ୍ରବାର ପୁଣି ସକାଳୁ ଉଦ୍ଧାର କାର୍ଯ୍ୟ କରାଯିବ ବୋଲି ତହସିଲଦାର ସମୁରୁ ମିଶ୍ର ସୂଚନା ଦେଇଛନ୍ତି ।

ରାଜ୍ୟର ୮ଟି ସ୍ଥାନରେ ହେବ ଇକୋ ରିଟ୍ରିଟ୍



ଭୁବନେଶ୍ୱର, ୫/୧୧(ନ୍ୟୁ.ଏ): ଇକୋ ରିଟ୍ରିଟ୍‌ର ଯୋଜନା ଓ ପରିଚାଳନାରେ ସ୍ଥାନୀୟ ଲୋକଙ୍କୁ ମୁଖ୍ୟ ପ୍ରାଥମିକତା ଦିଆଯିବା ଆବଶ୍ୟକ ବୋଲି ଆଜି (ଗୁରୁବାର) ଏକ ବିଭାଗୀୟ ସମୀକ୍ଷା ବୈଠକରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତାଲିଥିବା ବହୁ ସମୟ ଧରି ମାଟି ଖୋଳା ଖୋଳି ପରେ ଦେଖିବାକୁ ମିଳିଥିଲା ଭୂସ୍ଖଳ ବିଦାରଣ ଦୃଶ୍ୟ ଗୋଟିଏ ପରିବାରର ସମସ୍ତ ୫ ଜଣ ସଦସ୍ୟ ଘର ଭିତରେ କନ୍ଥଳ ଘୋଡ଼େଇ ଶୋଇଥିବା ଅବସ୍ଥାରେ ଚାପି ହୋଇ ରହିଥିବା ଦେଖିବାକୁ ମିଳିଥିଲା ।ସେମାନଙ୍କ ମଧ୍ୟରୁ ଦିଢ଼ଇପ୍ରଧାନ ,ସୀ ଭୂମିକା ପ୍ରଧାନ,ଦୁଇ ଝିଅ ବିଜୟଲକ୍ଷ୍ମୀ ପ୍ରଧାନ, ଗାଜଲକ୍ଷ୍ମୀ ପ୍ରଧାନ ଏବଂ ଜଣେ ପୁଅ ଅରୁଣ ପ୍ରଧାନ କୁ ଉଦ୍ଧାର କରାଯାଇଥିଲା । ପ୍ରାପ୍ତ ସୂଚନା ଅନୁସାରେ ଉଦ୍ଧାର କରାଯାଇଥିବା ଗୋଟିଏ ପରିବାର ସମସ୍ତ ସଦସ୍ୟ ଙ୍କ ସେହି ସମାନ୍ତ ବିଭାଗ ଓ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି)ର ବରିଷ୍ଠ ଅଧିକାରୀ, ବୈଷୟିକ ବିଶେଷଜ୍ଞ ଏବଂ ପର୍ଯ୍ୟଟନ କ୍ଷେତ୍ରର ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ବୈଠକରେ, ପ୍ରଥମିକ ସ୍ୱାସ୍ଥ୍ୟସେବା ସୁବିଧା ଉପରେ ଜୋରଦାର ଗୁରୁତ୍ୱାରୋପ କରାଯିବା ସହ ଏହି ଇକୋ ରିଟ୍ରିଟ୍‌ଗୁଡ଼ିକରେ ପିପିପି ସରଞ୍ଜାମ ଯିଷ୍ଟମ୍, ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଏବଂ ପରାମେଡିକ୍ ଓ ପ୍ରଥମିକ ସ୍ୱାସ୍ଥ୍ୟସେବା ସୁବିଧା ଉପରେ ଜୋରଦାର ଉପଯୁଗ୍ମମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଓଡ଼ିଶାର ୮ଟି ସ୍ଥାନରେ ଇକୋ ରିଟ୍ରିଟ୍ ଆୟୋଜନ କରିବାକୁ ପ୍ରସ୍ତାବ ରହିଛି । ସେଗୁଡ଼ିକ ମଧ୍ୟରେ କୋଣାର୍କ, ସୋନାପୁର ଦେଳାଭୂମି, ଦାରିଙ୍ଗବାଡ଼ି, ଚାଳମାଳି (ନୂତନ), କୋଲାବ (ନୂତନ), ଯାଜାବୁଦ, ସାତକୋଶିଆ ଓ କୁସୁମଉବ (ନୂତନ)ରହିଛି ।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗଞ୍ଜାମର ମନ୍ତ୍ରୀ ଓ ବିଧାୟକ

ଭୁବନେଶ୍ୱର, ୫/୧୧ (ଆ.ପ୍ର) : ବନ୍ୟା ଆର୍ଥିକ ଓ ଚା ପରବର୍ତୀ ବନ୍ୟା ପରିସ୍ଥିତି ଯୋଗୁଁ ଗଞ୍ଜାମ ଜିଲ୍ଲା ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛି । ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଗଞ୍ଜାମ ଜିଲ୍ଲାର ଅନ୍ୟ ବିଧାୟକ ମାନଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଆଲୋଚନାରେ ବିଧାୟକ ମାନେ ଜିଲ୍ଲାର କ୍ଷୟକ୍ଷତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ଗଞ୍ଜାମ ଜିଲ୍ଲାର ପରିସ୍ଥିତି ସମ୍ପର୍କରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ

ସାପ୍ତାହିକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୬ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୨



କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଓଡ଼ିଶାରେ ସାମୁଦ୍ରିକ ପର୍ଯ୍ୟଟନ ଓ ଅର୍ଥନୀତିର ହେବ ବ୍ୟାପକ ସମ୍ପ୍ରସାରଣ: ସୁଜିତ୍ ଦାସ

ଭୁବନେଶ୍ୱର, ୦୫/୧୧ (ଆ.ପ୍ର) : ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ବିଜ୍ଞାନ ସମୃଦ୍ଧ ତଟରେ ପରିପୂର୍ଣ୍ଣ ଓଡ଼ିଶା ରାଜ୍ୟରେ ପର୍ଯ୍ୟଟନ କ୍ଷେତ୍ର ବିକାଶ ପାଇଁ ଅପାର ସମ୍ଭାବନା ରହିଛି । ଓଡିଆ ସାଧବ ପୁଅର ଅତୀତରେ ଜାରା, ସୁମାତ୍ରା, ବର୍ଦ୍ଦିଓ ଭଳି ବିଦେଶରେ ବ୍ୟବସାୟର ସ୍ୱର୍ଣ୍ଣିମ ଅଧ୍ୟାୟ ଓ ଗାନ୍ଧୀମାନଙ୍କୁ ଉତ୍ତିବାତ କରି ରାଜ୍ୟରେ ବିଜେପିର ଡବଲ୍ ଇଞ୍ଜିନ୍ ସରକାର ଗଠନ ହେବା ପରେ ପର୍ଯ୍ୟଟନ ରିଡିକ୍ସମିର ଜନ୍ମତିକରଣ, ଆଧୁନିକୀକରଣ ଏବଂ ସମ୍ପ୍ରସାରଣକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି । ଏହି କ୍ରମରେ ପୁରାକୁ ଏକ ପ୍ରକୃତ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ରାଜ୍ୟରେ ପରିଣତ କରିବା ପାଇଁ ସଡ଼କ ପଥ, ରେଳପଥ, ଆକାଶ ପଥ, ଜଳପଥ ଏବଂ ହୋଟେଲ ଶିଳ୍ପର ବିକାଶ ଉପରେ କ୍ରମାଗତ ଗୁରୁତ୍ୱ ଦିଆଯାଉଛି । ଏକ ଐତିହାସିକ ନିଷ୍ପତ୍ତିକ୍ରମେ ରାଜ୍ୟ ସରକାର ଏବଂ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ମିଳିତ



ସହଯୋଗରେ ୧୫୦୦ କୋଟି ଟଙ୍କା ନିବେଶରେ ଏକ ଅତ୍ୟାଧୁନିକ 'ଅନ୍ତର୍ଜାତୀୟ ଚୁଡ଼ ଟର୍ମିନାଲ୍' ନିର୍ମାଣ କରାଯିବାକୁ ଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୱାଲ୍, ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ସରକାରଙ୍କୁ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ ଦାସ ଆନ୍ତରିକ ଧନ୍ୟବାଦ ଓ ଦୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ପ୍ରକଳ୍ପର ମହତ୍ତ୍ୱ ଓ ପ୍ରଭାବ ସଂପର୍କରେ ସୂଚନା ଦେବା ଶ୍ରୀ ଦାସ କହିଛନ୍ତି ଯେ, ଅନ୍ତର୍ଜାତୀୟ ଚୁଡ଼ ଟର୍ମିନାଲ୍ ପ୍ରତିବା ହେବା ଦ୍ୱାରା ବିଶ୍ୱର କୋଣ ଅନୁକୋଣରୁ ବଡ଼ ବଡ଼ ଚୁଡ଼ ଜାହାଜଗୁଡ଼ିକ ସିଧାସଳଖ ପୁରୀରେ ପହଂଚିପାରିବେ, ଯାହାଦ୍ୱାରା ବିଦେଶୀ ପର୍ଯ୍ୟଟକ ଓ ବେପାର ପର୍ଯ୍ୟଟନ ପ୍ରେମୀମାନଙ୍କ ସଂଖ୍ୟାକୁ ବହୁଗୁଣିତ କରିବ । ପର୍ଯ୍ୟଟନ କ୍ଷେତ୍ରର ଏହି ବିକାଶ ବିକାଶ ଯୋଗୁଁ ହୋଟେଲ, ପରିବହନ, ହସ୍ତଶିଳ୍ প এବଂ ସ୍ଥାନୀୟ ବ୍ୟବସାୟରେ ହଜାର ହଜାର ଯୁବକଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ରାଜ୍ୟର ଅର୍ଥନୀତି ଅଧିକ ସୁଦୃଢ଼ ହେବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ ପୁରୀକୁ ଆଧୁନିକ ସାମୁଦ୍ରିକ ପର୍ଯ୍ୟଟନର ଏକ ପ୍ରମୁଖ କେନ୍ଦ୍ର ଭାବେ ବିଶ୍ୱ ଦରବାରରେ ସ୍ଥାନ ଦେବାରେ ଏହା ଏକ ମାଇଲଖୁଂଟ ସାବ୍ୟସ୍ତ ହେବ ବୋଲି ଶ୍ରୀ ଦାସ କହିଛନ୍ତି ।

ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି କଲେଜ ଛାତ୍ରୀମାନେ

ଯାଜପୁର, ୦୫/୧୧ (ଆ.ପ୍ର) : ବିଭିନ୍ନ ପ୍ରକାରର ସମସ୍ୟାକୁ ନେଇ ଯାଜପୁର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ବିରଜା ମହିଳା କଲେଜର ଛାତ୍ରୀମାନେ । ଅଭିଯୋଗ ହେଉଛି ମହିଳା କଲେଜ ପରିସରରେ କୌଣସି



ସୁବିଧା ନାହିଁ । ଯାହା ଫଳରେ କଲେଜରେ ପାଠ ପଢୁଥିବା ଛାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜମନ୍ ରୁମ୍, ସାଇକେଲ ଷ୍ଟାଣ୍ଡ, ଲାଇବ୍ରେରୀ ରୁମ୍, ଗୋଟିଏ ଶ୍ରେଣୀ ଗୃହରେ ଚାରୋଟର ଅଧ୍ୟୟନ କରାଇବା ଏପରି ବିଭିନ୍ନ ପ୍ରକାରର ସମସ୍ୟାକୁ ଆଧାର କରି କଲେଜ ଛାତ୍ରୀମାନେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପୂର୍ବ ସରକାରଙ୍କ ସମୟରେ ନିର୍ମିତ ହୋଇଥିବା କଲେଜ ଗୃହଟି ଛାତ୍ରୀମାନଙ୍କ ସମସ୍ତ ପ୍ରକାର ସୁବିଧା ପ୍ରଦାନ କରିବା ପାଇଁ ଯାଜପୁର ବିରଜା ମହିଳା କଲେଜର ଛାତ୍ରୀମାନେ ଦାବି କରିଛନ୍ତି ।

ଜାତୀୟ ରାଜପଥ କଡ଼ ଆଲୋକ ଫାଳେ ଜଳିଲେ ଆଉ ଫାଳେ ଅନ୍ଧାର

ଟାଙ୍ଗୀ ଚୌଦ୍ୱାର, ୦୫/୧୧ (ଆ.ପ୍ର) : ଚୌଦ୍ୱାର ଦେଇ ଯାଇଥିବା ୫୫ନମ୍ବର ଜାତୀୟ ରାଜପଥ ମୁଣ୍ଡମାଳ ଛକ ରେଲୱେ କ୍ରସିଂ ଦୃଘଟଣାର ଦଣ୍ଡଛତ ପାଇଁ ଥିବା ବେଳେ, ମୁଣ୍ଡମାଳ ଛକ ପରସ୍ତ ଲିଗ୍ଡା କମାଳା ପଟ ରାସ୍ତାକୁ ଯିବାକୁ ହେଲେ ଏହି ରେଳ ଧାରଣା ରାସ୍ତା ପାର ହେବାକୁ ପଡେ, ଏହି ସ୍ଥାନରେ ସାଧାରଣ ଲୋକଟିଏ କୌଣସି ମତେ ରାସ୍ତାପାର ହେଇପାରୁନାହିଁ ଫଳରେ ଗାଈଛକ ଆଡୁ ଓଡ଼ର ବ୍ରିଜ ହେଇ ଦ୍ରୁତ ଗତିରେ ଆସୁଥିବା ଗାଡିଗୁଡିକ ଦିନା ଜାରଣରେ ସାଧାରଣ ଲୋକଙ୍କ ଜୀବନ ନେଇଯାଇଥାଏ, ମୁଣ୍ଡମାଳ ଛକରେ ଏକ ଗଭି ପୋଲ ନିର୍ମାଣ ନଇରି ନିରୀହ ଜନସାଧାରଣଙ୍କ ଜୀବନକୁ ମରଣଯନ୍ତ୍ରା ମୁହଁକୁ ଠେଲି ଦେଇ ଗାହାବା ନେଉଥିଲା ବେଳେ ରାଜପଥ କଡରେ ଲାଗିଥିବା ଲାଇଟ ଗୁଡିକ ଫାଟେ ଫାଟେ ପାଟି କରି ଜଳୁଛି ଏବ ବଡ଼ କୁମାରପୁର୍ତ୍ତମା ଯାଏ। ସମସ୍ତରେ ସେମିତି ଫାଟେ ଅନ୍ଧାର କରି ରଖିଛେ, ସେହିଭଳି କଲେଜ ପିଲାଙ୍କ ଜିତିବା ରାଜି ସମୟରେ ରାସ୍ତା ପ୍ରତ୍ୟ ଭିଡ଼ ସାଙ୍ଗକୁ ଜାତୀୟ ରାଜପଥ ଲାଇଟ ନାହିଁ, ବାଧ୍ୟ ହୋଇ ପିଲାମାନେ କଳିଙ୍ଗ ପେଟ୍ରୋଲ ପାଇଁ ଲାଇଟରେ ଠିଆ ହୋଇ ନିର୍ବାଚନ ବିଜୟ ସ୍ଲୋଗାନ ଦେଉଥିବାର ଦେଖିବାକୁ ମିଳିଥିଲା ।

ସମ୍ବଲପୁର ଆଂଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କ ବଣାଇଁ ପରିଦର୍ଶନ

ବଣାଇଁ, ୦୫/୧୧ (ଆ.ପ୍ର) : ଆଂଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡକ୍ଟର ମୃଦୁରାଧାର ମାଝୀ ଅଂଚଳ ଗୁରୁଶିଆ ସରକାରୀ



ମହାବିଦ୍ୟାଳୟ, ଗୁରୁଶିଆ ପଂଚାୟତ ସମିତି କନିଷ୍ଠ ମହାବିଦ୍ୟାଳୟ ଏବଂ ବଣାଇଗଡ଼ ମହାବିଦ୍ୟାଳୟ ପରିଦର୍ଶନରେ ଆସି ଫେରି ଯାଇଥିବା ଜଣାପଡିଛି । ଡକ୍ଟର ମାଝୀ ମହାବିଦ୍ୟାଳୟ ଗୁଡିକର ଶ୍ରେଣୀ ଗୃହ, ପାଠାଗାର, ବିଜ୍ଞାନଗାର, କମ୍ପୁଟର ଲାବ, ଛାତ୍ରାବାସ, ଛାତ୍ରୀନିବାସ, ଖେଳ ପଡିଆ ପ୍ରଭୃତି ବୁଲି ଦେଖିଥିଲେ । ଏହି ପରିଦର୍ଶନ ସମୟରେ ଗୁରୁଶିଆ ପଂଚାୟତ ସମିତି କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୌଧୁରୀ ମହାନ୍ତ, ଅଧ୍ୟାପକ ତପନ କୁମାର ଦଣ୍ଡାପା, ଗୁରୁଶିଆ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ବନ ବିହାରୀ କିଶାନ, ବର୍ତ୍ତମାନ ସହାୟକ ଅଶୋକ କୁମାର ପେଠୀ, ବଣାଇଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଜେନା ମଣି ସାହୁ, ବର୍ତ୍ତମାନ ଅଧ୍ୟାପକ ମୃତ୍ୟୁଞ୍ଜୟ ବୁହୁଙ୍କ ସହିତ ଆଂଚଳିକ ଶିକ୍ଷା ନିର୍ଦ୍ଦେଶକ ଡ଼. ମାଝୀ ସାକ୍ଷାତ ଆଲୋଚନା କରି ସନ୍ତୋଷ ବ୍ୟକ୍ତ କରିବା ସହ ଅନୁକ୍ଷାନ ଗୁଡିକରେ ଶୈକ୍ଷିକ ଦାରା ବଜାଣକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ । ଏହି ସମୟରେ ବଣାଇଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜେନା ମଣି ସାହୁଙ୍କ ଦ୍ୱାରା ରଚିତ ଦୁଇଟି ପୁସ୍ତକ ପ୍ରଦାନ କରାଯାଇଥିଲା ।

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ୧୬ତମ ପ୍ରତିଷ୍ଠା ଦିବସ

କଳାହାଣ୍ଡି, ୦୫/୧୧ (ଆ.ପ୍ର) : ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ୧୬ତମ ପ୍ରତିଷ୍ଠା ଦିବସ ଅବସରରେ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଚିଚିଆ ଗ୍ରାମର ଅଦ୍ୱିକା କିଶୋରୀ ନେତ୍ରୀ ସୁମି ସତନାମୀଙ୍କୁ ଅନନାଇନ୍ ଅପରାଧ ନିରୋଧ, ଡିଜିଟାଲ୍ ସୁରକ୍ଷା ଓ ସାଇବର ସଚେତନତାର ପ୍ରସାର କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ମାନିତ କରାଯାଇଥିଲା । ସୁମିଙ୍କ ଏହି ଅସାଧାରଣ ସଫଳତା ଓ ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ଜିଲ୍ଲାପାଳ, କଳାହାଣ୍ଡି ତାଙ୍କୁ ଚେକ୍‌ଜୁର୍ ପାଣ୍ଠିରୁ ୫୧,୦୦୦/- ଟଙ୍କାର ପ୍ରୋତ୍ସାହନମୂଳକ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ସୁମିଙ୍କ ଦର୍ଘମାନର ଶିକ୍ଷାରତ ଷ୍ଟିଡି, ପାଠପଢ଼ା ଓ ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ଆନ୍ତରିକତାର ସହ ପଚାରି ବୁଝିଥିଲେ । ଏଥିସହ ଉବିଷ୍ୟତରେ ମଧ୍ୟ ଏଭଳି ଉଦାହରଣୀୟ କାର୍ଯ୍ୟ ଜାରି ରଖିବା ସହ ନିଜ ଭଳି ଅନ୍ୟ କିଶୋରୀମାନଙ୍କୁ ସଚେତନ, ସଶକ୍ତ ଓ ସମାଜ ପରିବର୍ତ୍ତନର ଅଗ୍ରଦୂତ ରାବେ ଗଢ଼ି ତୋଳିବାକୁ ପ୍ରେରଣା ଦେଇଥିଲେ । ଏହି ସଫଳତା ପଛରେ ଅଦ୍ୱିକା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି କିଶୋରୀମାନଙ୍କ ମଧ୍ୟରେ ନେତୃତ୍ୱ, ସଚେତନତା ଓ ସାମାଜିକ ଦାୟିତ୍ୱବୋଧ ବିକାଶ ଦିଗରେ ଉଦାହରଣୀୟ କାର୍ଯ୍ୟ



ସମ୍ପାଦନ କରିଥିବାରୁ ଏଚ୍ ଏଣ୍ଡ୍ ଏଚ୍ ଆକ୍ସନ ଓ ୟୁନିସେଫ୍ ଓଡ଼ିଶାର ଜିଲ୍ଲା ଓ ବ୍ଲକ ସଂଯୋଜକଙ୍କୁ ମଧ୍ୟ ଜିଲ୍ଲାପାଳ ଉଚ୍ଚ ପ୍ରଶଂସା କରିଥିଲେ । ସେହିପରି, ଆରକ୍ଷୀ ଅଧୀକ୍ଷକ, କଳାହାଣ୍ଡି ସୁମି ସତନାମୀଙ୍କୁ ସମ୍ମାନିତ କରିବା ସହ ସାଇବର ଅପରାଧ ନିରୋଧ, ବାଲ୍ୟବିବାହ ପ୍ରତିରୋଧ ଓ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ଦିଗରେ ତାଙ୍କର ବ୍ୟକ୍ତିଗତ ଉଦ୍ୟମ ଏବଂ ଅଦ୍ୱିକା ଗୋଷ୍ଠୀର ସାମୁହିକ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ସୁମିଙ୍କ ନିଷ୍ଠା, ସାହସ ଓ ସାମାଜିକ ପ୍ରତିବଦ୍ଧତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ତାଙ୍କୁ ୧୬,୫୦୦/ - ଟଙ୍କାର ନଗଦ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି ମଧ୍ୟ ସୁମିଙ୍କ ଉଲ୍ଲେଖନୀୟ ଉଦ୍ୟମ ଓ ସାମାଜିକ ଅବଦାନକୁ ଉଚ୍ଚ ପ୍ରଶଂସା କରିଥିଲେ । କିଶୋରୀ ବାଳିକାମାନଙ୍କ ପାଇଁ ଏକ ଉଜ୍ଜ୍ୱଳ, ସୁରକ୍ଷିତ ଓ ସଶକ୍ତୀକରଣ ଭବିଷ୍ୟତ ଗଠନ ନିମନ୍ତେ ଏଭଳି ଦୃଷ୍ଟାନ୍ତମୂଳକ କାର୍ଯ୍ୟ ନିରନ୍ତର ଜାରି ରଖିବାକୁ ସେ ସୁମିଙ୍କୁ ପ୍ରୋତ୍ସାହିତ କରିଥିଲେ । ଏଥିସହ ଏଭଳି ଅଭିନବ ଓ ପ୍ରଗାବଶୀଳୀ କାର୍ଯ୍ୟକ୍ରମକୁ ଜିଲ୍ଲାର ଅନ୍ୟ ବ୍ଲକ୍‌ଗୁଡ଼ିକରେ ମଧ୍ୟ ସମ୍ପ୍ରସାରଣ କରିବା ନିମନ୍ତେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ସୁମି ସତନାମୀଙ୍କ ସମେତ ଏଚ୍ ଏଣ୍ଡ୍ ଆକ୍ସନ ର ବ୍ଲକ ସଂଯୋଜିକା ଓ ଜିଲ୍ଲା ସଂଯୋଜକଙ୍କୁ ଅଭିନନ୍ଦନ ଜଣାଇଥିଲେ । ଅଦ୍ୱିକା କାର୍ଯ୍ୟକ୍ରମ ମାଧ୍ୟମରେ କିଶୋରୀ ବାଳିକାମାନଙ୍କ ସଶକ୍ତିକରଣ, ନେତୃତ୍ୱ, ବିକାଶ, ଅଧିକାର ସଚେତନତା ଓ ସାମାଜିକ ପରିବର୍ତ୍ତନ ଦିଗରେ ଏଚ୍ ଏଣ୍ଡ୍ ଆକ୍ସନ ଓ ୟୁନିସେଫ୍, ଓଡ଼ିଶାର ସହଯୋଗରେ ଚାଲିଥିବା ପ୍ରୟାସକୁ ସେ ଉଚ୍ଚ ପ୍ରଶଂସା କରିଥିଲେ । ଏହି ସମସ୍ତ ସଜ୍ଞାନ ଓ ପ୍ରୋତ୍ସାହନମୂଳକ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷା ଓ ସଦସ୍ୟବୃନ୍ଦ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ମିଶନ ଶକ୍ତି ସଂଯୋଜକ, ଏଚ୍ ଏଣ୍ଡ୍ ଆକ୍ସନର ଜିଲ୍ଲା ସଂଯୋଜକ ଓ ବ୍ଲକ ସଂଯୋଜିକାଙ୍କ ସମେତ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ଡିଆରଡିଓ ପକ୍ଷରୁ ଅର୍ଦ୍ଧ-ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ପ୍ରଲୟର ସଫଳ ପରୀକ୍ଷଣ

ବାଲେଶ୍ୱର, ୦୫/୧୧ (ଆ.ପ୍ର) : ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନ (ଡିଆରଡିଓ) ପକ୍ଷରୁ ଓଡ଼ିଶା ଉପକୂଳସ୍ଥିତ ଡଃ ଏପିଜେ ଅବଦୁଲ କଲାମ ଦ୍ୱୀପରୁ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ 'ପ୍ରଲୟ' ଅର୍ଦ୍ଧ-ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ସଫଳ ଉଡ଼ାଣ ପରୀକ୍ଷଣ କରାଯାଇଛି । ନଭେମ୍ବର ୫ ତାରିଖ ଦିନ ପ୍ରାୟ ୧୧ଟା ୧୦ ମିନିଟ୍‌ରେ ଏହି ପରୀକ୍ଷଣ କରାଯାଇଥିଲା । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ପରୀକ୍ଷଣର ସମସ୍ତ ନିର୍ଦ୍ଧାରିତ ଉଦ୍ଦେଶ୍ୟ ସଫଳତାର ସହ ପୂରଣ ହୋଇଛି । ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର) ପକ୍ଷରୁ ନିୟୋଜିତ ବିଭିନ୍ନ ନିରୀକ୍ଷଣ ଓ ତଥ୍ୟ ସଂଗ୍ରହ ଯନ୍ତ୍ରପାତିରୁ ମିଳିଥିବା ତଥ୍ୟ ଏହି ସଫଳତାକୁ ନିଶ୍ଚିତ କରିଛି । ଭାଲୁତାବାଦସ୍ଥିତ ଗବେଷଣା କେନ୍ଦ୍ର ଇମାରତ (ଆରଏଆଇ) ଡିଆରଡିଓର ଅନ୍ୟାନ୍ୟ ପରୀକ୍ଷାଗାର ସହଯୋଗରେ ଏହି



କ୍ଷେପଣାସ୍ତ୍ରର ସମ୍ପୂର୍ଣ୍ଣ ସ୍ୱଦେଶୀ ବିକାଶ କରିଛି । ବିକାଶ ଓ ଉତ୍ପାଦନ ସହଯୋଗୀ ରାବେ ଭାରତ ଡାଇନାମିକ୍ସ ଲିମିଟେଡ୍, ଏହି କ୍ଷେପଣାସ୍ତ୍ର ପ୍ରଣାଳୀ ନିର୍ମାଣ କରିଛି । ସେନାବାହିନୀର ବ୍ୟବହାରକାରୀ ମୂଲ୍ୟାଙ୍କନ ପରୀକ୍ଷଣର ଅଂଶବିଶେଷ ରାବେ ଏହି ଉଡ଼ାଣ ପରୀକ୍ଷଣ କରାଯାଇଥିଲା । ଏଥିରେ ବିଭିନ୍ନ ଡିଆରଡିଓ ବରିଷ୍ଠ ଅଧିକାରୀ, ଶିଳ୍ପ ସଂସ୍ଥାର ପ୍ରତିନିଧି ଏବଂ ପ୍ରତିରକ୍ଷା ବାହିନୀର ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ସଫଳ ପରୀକ୍ଷଣ ପରେ ସଶସ୍ତ୍ର ବାହିନୀରେ ଏହି କ୍ଷେପଣାସ୍ତ୍ର ପ୍ରଣାଳୀକୁ ସାମିଲ କରିବା ପ୍ରକ୍ରିୟା ଶୀଘ୍ର ଆରମ୍ଭ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଏହି ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ, ପ୍ରତିରକ୍ଷା ବାହିନୀ ଏବଂ ଶିଳ୍ପ ସହଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଉନ୍ନତ ଜ୍ଞାନକୌଶଳରେ ସଜ୍ଜିତ ଏହି କ୍ଷେପଣାସ୍ତ୍ର ଉବିଷ୍ୟତର ଉଡ଼ୟାମାନ ବିପଦର ମୁକାବିଲା କରିବା ସହ ଦେଶର ସାମରିକ ବୈଷୟିକ କ୍ଷମତା ଓ କାର୍ଯ୍ୟକ୍ଷମ ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବ ବୋଲି ସେ କହିଛନ୍ତି । ପ୍ରତିରକ୍ଷା ସଚିବ, ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ବିଭାଗର ସଚିବ ତଥା ଡିଆରଡିଓ ଅଧକ୍ଷ ରାଜେଶ କୁମାର ସିଂହ ମଧ୍ୟ ଏହି ସଫଳ ପରୀକ୍ଷଣରେ ସମ୍ପୃକ୍ତ ସମସ୍ତ ବୈଜ୍ଞାନିକ, ଅଧିକାରୀ ଓ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି ।

କଳାହାଣ୍ଡିର ପୂର୍ବତନ ମନ୍ତ୍ରୀ ରାସ ବିହାରୀ ବେହେରାଙ୍କ ୮୮ ବର୍ଷରେ ପରଲୋକ : ନୁଚୁଛି କଳାହାଣ୍ଡି

କଳାହାଣ୍ଡି, ୦୫/୧୧ (ଆ.ପ୍ର) : କଳାହାଣ୍ଡିର ପୂର୍ବତନ ମନ୍ତ୍ରୀ ତଥା ସାଂସଦ ରାସ ବିହାରୀ ବେହେରାଙ୍କ ୮୮ ବର୍ଷ ବୟସରେ ମଙ୍ଗଳବାର ବିଳମ୍ବିତ ରାତିରେ ଭବାନୀପାଟଣାସ୍ଥିତ ବାସ ଭବନରେ ପରଲୋକ ହୋଇଯାଇଛି । ତାଙ୍କ ପରଲୋକ ଖବର ଶୁଣି ଜିଲାରେ ଶୋକର ଛାୟା ଖେଳିଯାଇଛି । ୧୯୩୮ ମସିହା ଏପ୍ରିଲ ମାସ ୧୨ ତାରିଖରେ ସେ ଜୁନାଗଡ଼ ବ୍ଲକ ମହିଳନା ସ୍ଥାମରେ ଜନ୍ମଗ୍ରହଣ କରିଥିଲେ । ଓଡ଼ିଶା ବିଧାନ ସଭାର ଜଣେ ବିଧାୟକ ରାବରେ ବୁଢ଼ା ଥର ଓ ଲୋକ ସଭାର ସାଂସଦ ରାବରେ



ସେବା ନିର୍ବାଚନ ମଣ୍ଡଳୀରୁ ୭ମ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ମନ୍ତ୍ରୀ ମଣ୍ଡଳରେ କୃଷି ମନ୍ତ୍ରୀ ମଧ୍ୟ ରହିଥିଲେ । ରାଜନୀତୟ ଜୀବୀୟ କଂଗ୍ରେସ ଦଳର ଜଣେ ଆଦର୍ଶବାଦୀ ନେତା ରାବରେ ସେ ରାଜ୍ୟ ରାଜନୀତି ସହ ଜାତୀୟ ସ୍ତରରେ ମଧ୍ୟ ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି । ନିଜର ଦୀର୍ଘ ରାଜନୈତିକ ଜୀବନ ମଧ୍ୟରେ ସେ ଜନସେବା ଏବଂ ଅଂଚଳର ବିକାଶ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ । ତାଙ୍କ ପରଲୋକରେ ବୁଦ୍ଧିଜୀ କଳାହାଣ୍ଡି ।

ବାଚ୍ୟା ବିପନ୍ନଙ୍କୁ ସହାୟତାର ହାତବଢାଇଲା ସୁଧା କିରଣ କଲେଜ

ଟିକାଦାଲି, ୦୫/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲା ରାଇଟିଆ ବ୍ଲକ ଗାଡ଼ୀ ଅର୍ଥିକ ରେ ପ୍ରକାଶିତ ହୋଇ ଥିବା ଲୋକମାନଙ୍କୁ ସୁଧା କିରଣ କଲେଜର ଅଧ୍ୟକ୍ଷ ଦୀନବନ୍ଧୁ ମଲ୍ଲିକ, ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର୍ ନିଳାଂଚଳ ସାହୁ ଯୁବ ରେଡ୍‌କ୍ରସର ଜାତୀୟ ସେବା ସ୍କେମ୍‌ସେବୀ ମାନେ ମାନିରେକ୍ସର ଗୁଣାଣି ସ୍କୁଲରେ ଅଞ୍ଚଳ ନେଇଥିବା ବାଚ୍ୟାରେ ବାସହରା ଓ ନିଜ ପରିବାରର ମଣିଷ ମାନଙ୍କୁ ହରାଇଥିବା ଲୋକଙ୍କୁ ସମବେଦନା ଜଣାଇବା ସହ ଚିଠିଟି



ବଂଟନ କରିଥିଲେ । ଅଧ୍ୟାପକ ଆଲୋକ ପରିଡା, ଧର୍ମେନ୍ଦ୍ର ବିଶାଲ, ବିଶ୍ୱଜିତ ପ୍ରଧାନ, ଅଧ୍ୟାପିକା ମଧୁସ୍ମିତା ପ୍ରଧାନ, ଶ୍ରାବଣୀ ବିଶ୍ୱାଳ, ପ୍ରଜ୍ଞା ପ୍ରିୟଦର୍ଶିନୀ ମହାପାତ୍ର ଯୋଗଦେଇଥିବା ବେଳେ ପ୍ରତିଷ୍ଠାତା ଅଧ୍ୟାପକ ଡ.ସନ୍ତୋଷ କୁମାର ନାୟକ ସହଯୋଗ କରିଥିଲେ । ଏହି ପରି ଏକ ମହାନ କାର୍ଯ୍ୟ ରେ କଲେଜ ତରଫରୁ ଯୋ



ସମ୍ପାଦକୀୟ
ଆରମ୍ଭ
SEITHO ARAMBHA



ଶୁକ୍ରବାର, ୭ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଶକ୍ତି ସଂରକ୍ଷଣ ଓ ପରିବେଶ ସଚେତନତା ପାଇଁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଆୟୋଜିତ ହେଲା 'ଉର୍ଜା ମେଳା'

ବାଲେଶ୍ୱର, ୦୫/୧୧ (ଆ.ପ୍ର) : ଟିପ୍ରି ନର୍ଦ୍ଦର୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ କମ୍ପିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ଏହାର ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ 'କୁଲ୍ ଏନର୍ଜି' ଅଧ୍ୟାନରେ ବାଲେଶ୍ୱରସ୍ଥିତ ସିପେଟ୍ ପରିସରରେ କ୍ଷୁଦ୍ରସ୍ତରୀୟ 'ଉର୍ଜା ମେଳା-୨୦୨୬' ଆୟୋଜିତ ହୋଇଯାଇଛି । ଏଥିରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ସୃଜନଶୀଳତା ଓ ଅଭିନବ ଚିନ୍ତାଧାରା ପ୍ରଦର୍ଶନ କରିଥିଲେ ।





ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶକ୍ତି ସଂରକ୍ଷଣ, ପୈତ୍ରିକ ଚିନ୍ତାଧାରା ଓ ପରିବେଶ ସମ୍ପର୍ଦ୍ଧାୟ ସମ୍ପର୍କୀୟ ପାଇଁ ଅଭିନବ ଉପାୟ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, ଉପ ଆରକ୍ଷୀ ଅଧୀକ୍ଷକ ଶ୍ରୀମତୀ ପ୍ରେମ ପ୍ରଜ୍ଞା ମହାନ୍ତି, ଡାଟା ପାଣ୍ଡାରୁର ବିଦ୍ୟୁତ୍ ସଂଚାଗଣ ଓ ବିତରଣ କ୍ଷେତ୍ରର ସିଏଏମ୍‌ଆଇ ମୁଖ୍ୟ ପଙ୍କଜ କୁମାର ସିଂହ, ଟିପିଏନ୍‌ଓଡିଏଲ୍‌ର ଜିଲ୍ଲାଭିତ୍ତିକ ସେବା ଓ ବ୍ୟବସାୟିକ ଉତ୍କର୍ଷତା ମୁଖ୍ୟ ସୁଦାପ ରାୟଚୌଧୁରୀ, ପ୍ରକଳ୍ପ ମୁଖ୍ୟ ପ୍ରତାପ କୁମାର ମଲ୍ଲିକ, ସୋଶାଲକଣ୍ଡ ମୁଖ୍ୟ ଯନ୍ତ୍ରୀ ରାଜାତ କୁମାର ନାୟକ, ସିପେଟ୍ ବାଲେଶ୍ୱରର ନିର୍ଦ୍ଦେଶକ ପି ସିପାଡ଼ୀ, ଟିପିଏନ୍‌ଓଡିଏଲ୍‌ର ମାନବ ସମ୍ବଳ ଓ ପ୍ରଶାସନ ମୁଖ୍ୟ ଉମେଶ୍ୱର ବାନିକ ଏବଂ ସିଏସ୍‌ଆର୍ ମୁଖ୍ୟ ରଞ୍ଜନ ଖାଁଟିଙ୍କ ସମେତ ଅନ୍ୟାନ୍ୟ ଅତିଥି, ଶିକ୍ଷାବିତ୍ ଓ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଅତିଥିମାନେ ଟିପିଏନ୍‌ଓଡିଏଲ୍‌ର ଏହି ପଦକ୍ଷେପ ଓ ଛାତ୍ରଛାତ୍ରୀଙ୍କ ଉଦ୍ଦ୍ୟମକୁ ପ୍ରଶଂସା କରିବା ସହ ସେମାନଙ୍କୁ 'ଏନର୍ଜି ଚାମ୍ପିଅନ୍' ଭାବେ ବିଦ୍ୟାଳୟ, ପରିବାର ଓ ସମାଜରେ ବିଜୁଳି ସଂରୟ ଏବଂ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରସାର କରିବାକୁ ଉତ୍ସାହିତ କରିଥିଲେ । ଏହି ପଦକ୍ଷେପ ମାଧ୍ୟମରେ ଟିପିଏନ୍‌ଓଡିଏଲ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରି ଏକ ସବୁଜ ଓ ସ୍ଥାୟୀ ଭବିଷ୍ୟତ ଗଠନ ଦିଗରେ ନିଜର ପ୍ରୟାସ ଜାରି ରଖିଛି ।

ବାଲେଶ୍ୱରରେ ଆୟୋଜିତ ହେଲା ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ଓ କିଷାନ ମେଳା : ୩୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଯୋଗଦାନ

ବାଲେଶ୍ୱର, ୦୫/୧୧ (ଆ.ପ୍ର) : ମାଣ୍ଡିଆ ଚାଷର ପ୍ରସାର, ପାରମ୍ପରିକ ବିହନର ସଂରକ୍ଷଣ ଏବଂ କୃଷି କ୍ଷେତ୍ର ବିବିଧତାର ସୁରକ୍ଷା ମାଧ୍ୟମରେ ଏକ ସହନଶୀଳ ଓ ସ୍ଥାୟୀ ଖାଦ୍ୟ ବ୍ୟବସ୍ଥା ଗଠନ ଲକ୍ଷ୍ୟରେ ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ଓ କିଷାନ ମେଳା-୨୦୨୬ ଅନୁଷ୍ଠିତ ହୋଇଯାଇଛି । କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ବାଲେଶ୍ୱର ପକ୍ଷରୁ ସ୍ଥାନୀୟ ଗାନ୍ଧୀ ସ୍ମୃତି ଉଦ୍ଦଚାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । 'ଶେତ ଟଂଚାଅ ଅଭିଯାନ'ର ସହଯୋଗରେ ଆୟୋଜିତ ଏହି ମେଳାରେ ଜିଲ୍ଲାର ବିଭିନ୍ନ ଦୂରୁରୁ ୩୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇ ମାଣ୍ଡିଆ ଚାଷ ଓ ଆଧୁନିକ କୃଷି ପଦ୍ଧତିର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ ହୋଇଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ରାବେ ଯୋଗଦେଇ ମାଣ୍ଡିଆ ଚାଷର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ମାଣ୍ଡିଆ କେବଳ ଏକ ପାରମ୍ପରିକ ଶସ୍ୟ ନୁହେଁ, ଏହାର ପୁଷ୍ଟିକର ଗୁଣ ଓ ସ୍ୱାସ୍ଥ୍ୟ ଉପଯୋଗିତା ବୃଦ୍ଧିରୁ ଦୈନନ୍ଦିନ ଖାଦ୍ୟରେ ଏହାର ବ୍ୟବହାର ବୃଦ୍ଧି କରିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ ।



ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ବରୁଣା ବିଧାୟିକା ସୁଦାସିନୀ ଜେନା ଏବଂ ଜିଲ୍ଲା ପରିଷଦ ଉପସଭାପତି ଅନୁସୂୟା ପ୍ରଧାନ ଯୋଗ ଦେଇଥିଲେ । ମାଣ୍ଡିଆ ଭଳି ପାରମ୍ପରିକ ଶସ୍ୟର ଚାଷ ଓ ବ୍ୟବହାରକୁ ପ୍ରୋତ୍ସାହନ ଦେବା ସହ ଚାଷୀମାନଙ୍କୁ ଉତ୍ପାଦନ ବୃଦ୍ଧି ଏବଂ ବଜାର ସୁଯୋଗ ସହ ଯୋଡ଼ିବାର ଆବଶ୍ୟକତା ଉପରେ ଏହି ଅବସରରେ ଗୁରୁତ୍ୱ ଦିଆଯାଇଥିଲା । ଚାଷୀମାନଙ୍କ ବ୍ୟାପକ ଯୋଗଦାନ ମେଳାକୁ ଅଧିକ ଅର୍ଥପୂର୍ଣ୍ଣ କରିଥିଲା । କୃଷି କ୍ଷେତ୍ରରେ ଯୋଷାଣିତିକ ବିହନ ବ୍ୟବସ୍ଥାର ବିକାଶ ଏବଂ କୃଷି କ୍ଷେତ୍ର ବିବିଧତାର ସୁରକ୍ଷା ଉପରେ ମଧ୍ୟ ଏହି ଆୟୋଜନ ବିଶେଷ ଗୁରୁତ୍ୱାରୋପ କରିଥିଲା । ଶେଷରେ ସହକାରୀ କୃଷି ନିର୍ଦ୍ଦେଶକ ଅଜିତ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

ହଳଦୀପଦା ବସ୍ ଦୁର୍ଘଟଣା: ଆହତଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ବିଜେଡି ନେତା

ବାଲେଶ୍ୱର, ୦୫/୧୧ (ଆ.ପ୍ର) : ହଳଦୀପଦା ଠାରେ ଆଜି ସନ୍ଧ୍ୟାରେ ଘଟିଥିବା ବସ୍ ଦୁର୍ଘଟଣା ପରେ ଆହତମାନଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ପାଇଁ ବିଜୁ ଜନତା ଦଳ (ବିଜେଡି)ର ଏକ ପ୍ରତିନିଧି ଦଳ ରେମୁଣା ମେଡିକାଲ କଲେଜ ଓ ଡହ୍ର ମେଡିକାଲ ପରିଦର୍ଶନ କରିଛନ୍ତି । ଏହି ଅବସରରେ ନେତାମାନେ ଚିକିତ୍ସାଧୀନ ଆହତଙ୍କ ସ୍ୱାସ୍ଥ୍ୟାପତ୍ତି, ଚିକିତ୍ସା ବ୍ୟବସ୍ଥା ଓ ସେମାନଙ୍କୁ ମିଳୁଥିବା ସୁବିଧା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଏଥିସହ ଆହତଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ । ପୂର୍ବତନ ବିଧାୟକ ସୁବୃତ ଦାସ, ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ଗାଉନ ବିଜେଡି ସଭାପତି ମନୋଜ କୁମାର ରାଉତ, ସଦର ବ୍ଲକ ସଭାପତି ଦଣ୍ଡପ୍ରଧାନ ପଣ୍ଡା, ରେମୁଣା ଏନ୍‌ଏସି ଉପାଧ୍ୟକ୍ଷ ଆୟେସାନ ଖାନ, ମାଇନଜିଟି ସେଲ୍‌ର ରାଜ୍ୟ ସମ୍ପାଦକ ଶେଖ୍ ଆୟୁବ, ଟାଉନ ଉପସଭାପତି ସଞ୍ଜୟ ବେହେରା, ଯୁବ କାର୍ଯ୍ୟକାରୀ ସଭାପତି ଉତ୍ତର ବୃଷଭ ଦାସ ଓ ଛାତ୍ର ସଭାପତି ଉତ୍କେଶ୍ୱର ପ୍ରଧାନ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ ।

ମିଶନ ଶକ୍ତିରୁ ବାବୁଙ୍କୁ ମିଳୁଛି ମହାନଶକ୍ତି
ମହିଳା ହେଲେ ଲକ୍ଷପତି ଅଧିକାରୀ ହେବେ କୋଟିପତି

ନୀଳଗିରି, ୦୫/୧୧ (ଆ.ପ୍ର) : ରାଜ୍ୟ ସରକାର ମହିଳା ସଶକ୍ତିକରଣ ପାଇଁ ବହୁ ଯୋଜନା କରୁଥିବା ବେଳେ ମିଶନ ଶକ୍ତି ଯୋଜନା ମାଧ୍ୟରେ ଗ୍ରାମାଚଳ ର ମହିଳାଙ୍କୁ ଶଶକ୍ତିକରଣ କରାଯାଉଛି । ମାତ୍ର ନୀଳଗିରି ନିର୍ଦ୍ଦାଚଳ ମଣ୍ଡଳୀ ଅନ୍ତର୍ଗତ ବାଲଗା ବ୍ଲକରେ ଏହାର ବ୍ୟତିକ୍ରମ ଘଟିଥିବା ଦେଖା ଯାଇଛି । ଏଠାରେ ମିଶନଶକ୍ତି ଦାୟିତ୍ୱରେ ଥିବା ସରକାରୀ ବାବୁ ମୁଗ୍ଧ ରାକ୍ଷସ ପରି ଦୁର୍ନୀତି କରି ସବୁ ଚବୁ କରିଦେବା ରେ ଲାଗିଥିବା କୁହାଯାଉଛି । ସୂଚନା ମୁତାବକ ବାହାନାରା ବେଳେ, ସେତେବେଳେ କୋଭିସି ଲକ୍ଷପତି ମହିଳାଙ୍କୁ ପ୍ରଦାନ କରାଯାଇନାହିଁ । ସେହିପରି ଲକ୍ଷପତି ଦିବିର ସଚେତନତା ବହି ମୁଦ୍ରଣ ବାବଦକୁ ବ୍ଲକରେ ସରକାରଙ୍କ ଏକ ସଂସ୍ଥାକୁ ୨ ଲକ୍ଷ ୬୦ ହଜାର ୯ ଶହ ଟଙ୍କା ପ୍ରଦାନ କରାଯାଇଛି । ଉକ୍ତ ବହିକୁ ଆସିଥିବା ସମେତ, ଲକ୍ଷପତି ଦିଦି ମାନଙ୍କୁ ପ୍ରଦାନ କରାଯାଇ ନଥିବା ଏକ ବିଶେଷ ସୂତ୍ରରୁ ଜଣା ପଡ଼ିଛି । ସେହି ପରି ଚେନ୍ନର ବାବଦକୁ ୩୨ ହଜାର ୫ ଶହ ଟଙ୍କା ପ୍ରଦାନ କରାଯାଇ ଥିଲା । ଅଢେଇଶ ଅର୍ଥ ରାଶି ବିଭିନ୍ନ ଫଂଚାୟତରେ ହୋଇଥିବା କାର୍ଯ୍ୟକ୍ରମରେ ଟିଫିନ, ନଂଚ ଓ କାର୍ଯ୍ୟକ୍ରମ ହୋଇଥିବାର ଫଟୋ ପାଇଁ ଚେକା ପେଠି କରାଯାଇ ଥିଲା । ଉକ୍ତ ପେଠି ରାଶି ରୁ ଅଧିକାରୀ ଶ୍ରୀ ରାଉତ ମୋଟା ଅଙ୍କର ଅର୍ଥ ରୋଷିଥିବାର ଘଟଣା ଏବେ ସାମ୍ନାକୁ ଆସିଛି । ଖାଲି ଏତିକି ନୁହଁ ବାବୁଙ୍କର ଏମତିକେ, ସିଆର ପି ର ବ୍ୟାଙ୍କ ମିତ୍ର ମାନଙ୍କର ଆସୁଥିବା ଦରମାକୁ ଦାବିଦିନ ପକାର ରଖି ବିନିମୁ ଅଜ ଦେଖା ଉପର ଅଧିକାରୀ ଅର୍ଥ ନେଉଥିବାର ଆଜ ଦେଖାଇ ହାତଗୁଣା ନେତାକୁ ପଛାର ନ ଥିବା କୁହା ଯାଇଛି । ଯଦି ଏଥିରେ କେହି ଅର୍ଥ ରାଶି ନଦିଅନ୍ତି ତାକୁ ଚାକିରୀରୁ ବାହାର କରିଦେବାର ମଧ୍ୟ ଧମକ ଦେଉଥିବାର ଜଣେ ମହିଳା ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ପଦକ୍ଷେପ ପୂର୍ବରୁ ଏମ ବି ଡି, ପିଆରପିଓ ବ୍ୟାଙ୍କ ମିତ୍ର ପ୍ରମୁଖ ସମ୍ପର୍କରେ ଦିଆଯାଇଥିବା ଅଭିଯୋଗ ଅନୁଯାୟୀ ବ୍ଲକରେ ଏକ ସଂସ୍ଥାକୁ ୨ ଲକ୍ଷ ୫୬ ହଜାର ୫୫୦ ଟଙ୍କା ବିଲ ଦେଇଥିବା ବେଳେ, ସେତେବେଳେ ଲକ୍ଷପତି ମହିଳାଙ୍କୁ ପ୍ରଦାନ କରାଯାଇନାହିଁ । ସେହିପରି ଲକ୍ଷପତି ଦିଦିର ସଚେତନତା ବହି ମୁଦ୍ରଣ ବାବଦକୁ ବ୍ଲକରେ ସରକାରଙ୍କ ଏକ ସଂସ୍ଥାକୁ ୨ ଲକ୍ଷ ୬୦ ହଜାର ୯ ଶହ ଟଙ୍କା ପ୍ରଦାନ କରାଯାଇଛି । ସରକାର ଗାଇଡ୍ ଲାଇନ ଅନୁଯାୟୀ ଲକ୍ଷପତି ଦିଦି ମାଧ୍ୟମରେ ଏକ କାର୍ଯ୍ୟକ୍ରମ ଗତ ମେ ମାସରେ ଆୟୋଜନ କରାଯାଇଥିଲା । ମାତ୍ର ବିଡମ୍ବନା ର ବିଷୟ ଏ ବାବଦକୁ ବାଲଗା ବ୍ଲକକୁ ୨୦ ଲକ୍ଷ ୨୦ ହଜାର ୫ ଶହ ଟଙ୍କା ଅର୍ଥ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା - ୧୭୩, ୨୯-୦୩-୨୦୨୫



'ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ'ର ୧୭ତମ ପ୍ରତିଷ୍ଠା ଦିବସରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ପ୍ରଦାନ କରାଗଲା 'ଭାଷା ଭାସ୍କର' ସମ୍ମାନ

ଓଡ଼ିଆ ବାର୍ତ୍ତା, ୦୫/୧୧ (ଆ.ପ୍ର) : ଓଡ଼ିଆ ଭାଷାର ସୁରକ୍ଷା, ସମୃଦ୍ଧି ଓ ବ୍ୟାପକ ପ୍ରସାର ପାଇଁ ଜାଏଁଗତ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ୧୭ତମ ପ୍ରତିଷ୍ଠା ଦିବସ ନଭେମ୍ବର ୩ ତାରିଖରେ ଭୁବନେଶ୍ୱରସ୍ଥିତ ଭୁବ ମନ୍ଦିର ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଥମଥର ପାଇଁ ପ୍ରଦାନ କରାଯାଇଥିବା 'ଭାଷା ଭାସ୍କର' ସମ୍ମାନରେ ବିଶିଷ୍ଟ ଭାଷାବିତ୍ ତଥା ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଛି । ଡାଙ୍କୁ ମାନପତ୍ର, ଉତ୍ତରୀୟ ସହ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା । ଉତ୍ତରରେ ଡା. ଚୌଧୁରୀ ସତ୍ୟତ୍ତ୍ୱର ନଦ ଅଧ୍ୟୟନ କରିଥିଲେ । ସେ ଉଚ୍ଚଶିକ୍ଷାରେ ଡିଜ୍ଞାନ ପ୍ରଯୁକ୍ତବିଦ୍ୟାକୁ ଓଡ଼ିଆ ଭାଷାରେ ପ୍ରଚଳନ କରିବା ସହ ଡାକ୍ତରୀ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମ ମଧ୍ୟ ଓଡ଼ିଆ ଭାଷାରେ ଉପଲବ୍ଧ କରାଇବାକୁ ମତ ଦେଇଥିଲେ । ସମ୍ମାନ ଗ୍ରହଣ କରି ଡ. ଦେବୀପ୍ରସନ୍ନ ପଟ୍ଟନାୟକ ରାଜ୍ୟରେ ଓଡ଼ିଆ ଭାଷାକୁ ସରକାରୀ ସ୍ତରରେ ଅଧିକ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ । 'ଭାଷା ଭାସ୍କର' ସମ୍ମାନ ପାଇ ସେ ଆନନ୍ଦ ପ୍ରକାଶ କରିଥିଲେ । ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ତଥା ଜଗନ୍ନାଥ ସଂସ୍କୃତିର ଗବେଷକ ପ୍ରଫେସର ହରିହର କାନୁନଗୋ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ପଟ୍ଟନାୟକଙ୍କୁ ସମ୍ମାନ ପ୍ରଦାନ କରିଥିଲେ । ଏହି ସମ୍ମାନ ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇପାରିଥିବାରୁ ସେ ସନ୍ତୋଷ ପ୍ରକାଶ କରିଥିଲେ । ଭାଷାର ମାନ୍ୟତା ପ୍ରତିପାଦନ ପାଇଁ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ନେତୃତ୍ୱରେ ପଣ୍ଡିତ ସଂଘର୍ଷ କୁମାର ପଣ୍ଡା, ପ୍ରଭାକର ସାହୁ, କଳ୍ପାଣୀ ନନ୍ଦ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ ଓ ପ୍ରଫୁଲ୍ଲ କୁମାର ଦାସ 'ଆମ ଭାଷା ଶ୍ରେଷ୍ଠ ଭାଷା' ଶୀର୍ଷକ ପ୍ରବନ୍ଧନ ପ୍ରଦାନ କରିଥିଲେ । ଡ. ଶିବାଶ ଚନ୍ଦ୍ର ଜେନା, ନିବାରଣ ଜେନା, ଅରୁପ ଚାଟାର୍ଜୀ ଓ ଅଞ୍ଜଳି ପଣ୍ଡା ଭାଷା ସମ୍ପର୍କରେ ନିଜସ୍ୱ ମତ ରଖିଥିବା ବେଳେ ସୁତ୍ରଧାର ମହାନ୍ତି ସଞ୍ଚାଳନ ପରିବେଷଣ କରିଥିଲେ । ଶେଷରେ ଅନୁଷ୍ଠାନର ସଦସ୍ୟମାନେ ବିଦାୟ ସଙ୍ଗୀତ ପରିବେଷଣ କରିଥିଲେ । ଅନୁଷ୍ଠାନର ଯୁଗ୍ମ ସମ୍ପାଦିକା ଶାନ୍ତିଲତା ପଣ୍ଡା ମଂଚ ଆହ୍ୱାନ କରିଥିବା ବେଳେ ଜୀବନ ବେଦର ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ଅରୁଣା ରାୟ, ଡ. ରମାକାନ୍ତ ନାୟକ, ଶରତ କୁମାର ମହାପାତ୍ର, 'ଶ୍ରୀ' ପତ୍ରିକାର ସମ୍ପାଦକ କୃଷ୍ଣ ନାୟକ, ସତ୍ୟେନ୍ଦ୍ର ବାରିକ, ଅର୍ଚ୍ଚନା ନନ୍ଦୀ, ଅରୁଣ ଚାହାଙ୍ଗୀ, ସୁଷମା ମହାପାତ୍ର, ଡ. ରାଘବେନ୍ଦ୍ର ପ୍ରସାଦ ଦାସ, ଡ. କ୍ଷିତୀଶ୍ୱର ଦାଶ, ଡ. ରାଧାକର ସିଂହ, ଦାମୋଦର ଲେଙ୍କା, ଡ. ସେମୀମାଳା ଦାଶ, ମମତା ମହାପାତ୍ର, ଶୁଭଙ୍କର ମହାପାତ୍ର, ପ୍ରଫେସର ରଣ୍ଜିତେଶ୍ୱର ପତି, କରୁଣାକର ସାହୁ, ଡ. ଅରୁଣ ମିଶ୍ର, ଅକ୍ଷୟ କୁମାର ତ୍ରିପାଠୀ, ଉର୍ମିକା ନାୟକ, ଲମ୍ବୋଦର ନାୟକ, ପ୍ରଦୀପ ମିଶ୍ର, ସଙ୍ଘମିତା ରଥ, ଅନନ୍ତ କୁମାର ଦାସ, ମନେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ଓ ଜୁମ୍ବନମ ପାତ୍ରଙ୍କ ସମେତ ଶତାଧିକ ସାରସ୍ୱତ ସାଧକ ଯୋଗଦେଇଥିଲେ । ଏହି ଅବସରରେ 'ମୋ ଜୀବନ ସାରଧନ ଜନନୀ ଉତ୍କଳ ଭାଷା' ଶୀର୍ଷକରେ ସମବେତ ଜଡିତା ଉତ୍ତନା କରାଯାଇଥିଲା ।

ଲୋକାର୍ପିତ ହେଲା ଉତ୍କଳର ସାରଙ୍ଗଧର ତ୍ରିପାଠୀଙ୍କ ଅନୂଦିତ ପୁସ୍ତକ 'ଶେଷପତ୍ର'



ବାଲେଶ୍ୱର, ୦୫/୧୧ (ଆ.ପ୍ର) : ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି ଡାକ୍ତର ଚୌଧୁରୀ ସତ୍ୟତ୍ତ୍ୱଦାନନ୍ଦଙ୍କ ପୌରୋହିତ୍ୟରେ ଯୁବ ସାରସ୍ୱତ ବକ୍ତା ଅଧ୍ୟାପକ ଡକ୍ଟର ସାରଙ୍ଗଧର ତ୍ରିପାଠୀଙ୍କ ଦ୍ୱାରା ମୂଳ ଜଂରାଜୀରୁ ଓଡ଼ିଆ ଭାଷାରେ ଅନୂଦିତ ହୋଇଥିବା ନଅଜଣ ଗାଳ୍ପିକଙ୍କ ଦାଉ ଛୋଟି ଗଳ୍ପର ଏକ ମନୋଜ୍ଞ ସଂକଳନ 'ଶେଷପତ୍ର' ଉନ୍ମୋଚିତ ହୋଇଯାଇଛି । ଏଥିରେ ଅତିଥି ବକ୍ତା ଭାବରେ ଯୋଗ ଦେଇ 'ଅଥାଂଶ' ପତ୍ରିକାର ମୁଖ୍ୟ ସଂପାଦକ ଡକ୍ଟର ହରିଶଙ୍କର ବେହେରା, ପଟ୍ଟାଗମୋହନ ସାହିତ୍ୟ ପରିଷଦର ସଂପାଦକ ଡକ୍ଟର ରତ୍ନାକର ସିଂହ ଓ କବି ଦୀପକ ଦୋଷ ପୁସ୍ତକଟିକୁ ଆଲୋଚନା କରିଥିଲେ । ପୁସ୍ତକରେ ସ୍ଥାନିତ ସମସ୍ତ ଗଳ୍ପରେ ଜୀବନବାଦୀ ଚିନ୍ତନ ଓ ମାନବବାଦୀ ଚେତନା ଉଚି ଦେଇଛି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ସଭା ପ୍ରାରମ୍ଭରେ ତପସ୍ୱିନୀ ତ୍ରିପାଠୀ ସୁଲଳିତ କଣ୍ଠରେ ଏକ ଭଜନ ପରିବେଷଣ କରିଥିଲେ । ଅନୁବାଦକ ଡ. ସାରଙ୍ଗଧର ତ୍ରିପାଠୀ ତାଙ୍କର ଲେଖକୀୟ ଅଭିବାକ୍ତି ପ୍ରକାଶ ଅବସରରେ କହିଥିଲେ ଯେ ଅନୁବାଦ କାର୍ଯ୍ୟଟି କଷ୍ଟସାଧ୍ୟ ହେଲେ ବି ଏହି ସୁନ୍ଦର ଜଂରାଜୀ ଗଳ୍ପଗୁଡ଼ିକ ତାଙ୍କ ମନକୁ ଛୁଇଁଥିବାରୁ ସେଗୁଡ଼ିକୁ ଓଡ଼ିଆ ପାଠକମାନଙ୍କ ନିକଟରେ ପହଂଚାଇବା ପାଇଁ ସେ ସମସ୍ତ ଶ୍ରମ ସ୍ୱୀକାର କରିଛନ୍ତି । ଅନୁଷ୍ଠାନର ସଂପାଦକ ଡକ୍ଟର ରଶ୍ମୀକାନ୍ତ ତ୍ରିପାଠୀ ପ୍ରାକ୍‌ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଯୁଗ୍ମ ସଂପାଦିକା ଶାନ୍ତିଲତା ପଣ୍ଡା ଅତିଥିମାନଙ୍କୁ ମଂଚ ଆମନ୍ତ୍ରଣ କରିଥିଲେ ଓ ଜଳଖାଣ ନଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ସହରର ବହୁ ବିଶିଷ୍ଟ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

ବାଲେଶ୍ୱର ଷ୍ଟେସନରେ ଆରପିଏଫ୍‌ର 'ମେରି ସହେଲୀ' ଟ୍ରେନ୍‌ରେ ରହିଯାଇଥିବା ମହିଳା ଯାତ୍ରୀଙ୍କୁ ସ୍ୱାମୀଙ୍କ ସହ ମିଳାଇଲେ

ବାଲେଶ୍ୱର, ୦୫/୧୧ (ଆ.ପ୍ର) : ଯାତ୍ରୀ ସୁରକ୍ଷା ଓ ମାନବିକ ସେବା କ୍ଷେତ୍ରରେ ରେଳ ସୁରକ୍ଷା ବଳ (ଆରପିଏଫ୍)ର 'ମେରି ସହେଲୀ' ଟିମ୍ ପୁଣି ଥରେ ପ୍ରଶଂସନୀୟ ଉଦାହରଣ ସୃଷ୍ଟି କରିଛି । ବାଲେଶ୍ୱର ରେଳ ଷ୍ଟେସନରେ ଟ୍ରେନ୍‌ରୁ ଅସାବଧାନତାବଶତଃ ରହିଯାଇଥିବା ଜଣେ ମହିଳା ଯାତ୍ରୀଙ୍କୁ ତାଙ୍କ ସ୍ୱାମୀଙ୍କ ସହ ସୁରକ୍ଷିତ ଭାବେ ମିଳାଇ ଦେଇଛନ୍ତି ଆରପିଏଫ୍ କର୍ମଚାରୀ । ସୂଚନା ଅନୁଯାୟୀ, ଗତ ୩ ତାରିଖ ସକାଳ ପ୍ରାୟ ୯ଟା ୫୫ ମିନିଟରେ ପ୍ଲାଟଫର୍ମ ନମ୍ବର ୨ରୁ ୧୫୬୪୦ ନମ୍ବର କାମାଖ୍ୟା-ପୁରୀ ଏକ୍‌ସପ୍ରେସ୍ ଛାଡ଼ିବା ପରେ ଅମୁଲ୍ଟ୍ୟ ନିକଟରେ ଜଣେ ମହିଳା ଯାତ୍ରୀ କାନ୍ଦୁଥିବା ଓ ପୁରା ଯିବା ପାଇଁ ଟ୍ରେନ୍ ସମ୍ପର୍କରେ ପଚାରୁଥିବା ଦେଖିବାକୁ ପାଇଥିଲେ ଡ୍

ଦୈନିକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୬ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...

ସମାନ ଆଇନ୍

ଭାରତ ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ର । ବହୁ ପଛକୁ ଫେରିଗଲେ, ଇତିହାସକୁ ତର୍ଜମା କଲେ ଅତୀତର ଭାରତବର୍ଷ ଏସିଆର ଏକ ଉପମହାଦେଶ ରୂପରେ ଗୌରୋଜ୍ଜ୍ୱଳ ଅସ୍ତିତ୍ୱ ଯେଉଁଥିରେ ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଲୋକମାନେ ବାସ କରିଆସୁଛନ୍ତି । ପୃଥିବୀରେ ବୋଧହୁଏ ଭାରତ ହିଁ ସେହିଭଳି ଦେଶ, ଯାହାର ଗଣତାନ୍ତ୍ରିକ ରୂପରେଖ ଅତି ବିଶାଳ । ଭାରତର ସବୁଠାରୁ ବିଶାଳ ଯେପରି ଭୌଗୋଳିକ ସ୍ଥିତି, ପ୍ରାକୃତିକ ସ୍ଥିତି ଅର୍ଥାତ ପ୍ରାକୃତିକ ସମ୍ପଦରେ ଭରପୂର ଭାରତ ପ୍ରତି ଆକର୍ଷିତ ହୋଇ ଆରବ ରାଷ୍ଟ୍ର ସମୂହ ଅତୀତରେ ଭାରତରେ ଅନଧିକାର ପ୍ରବେଶ କରି ଭାରତର ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି କରିଥିଲେ । ଭାରତର ସାମାଜିକ ସ୍ଥିତି ମଧ୍ୟ ବେଶ୍ ସତକ ଥିଲା । ଅର୍ଥାତ ବେଶର ଆର୍ଥିକ ସ୍ଥିତି ବେଶ୍ ଉନ୍ନତ ଥିଲା । ସେଥିପାଇଁ ଆରବୀୟ ଏବଂ ପରେ ପରେ ଟ୍ରିଟିଶ୍‌ମାନେ ପ୍ରାକୃତିକ ସମ୍ପଦରେ ଭାରତରେ ପ୍ରବେଶ କରି ବେଶର ସ୍ୱାଧୀନତା ଉପରେ ଆଞ୍ଚ ଆଣିବାର ପ୍ରୟାସ କରିଥିଲେ । ସଫଳ ବି ହୋଇଥିଲେ । ଭାରତ ପ୍ରତି ସେମାନେ ବିଶ୍ୱାସଘାତକତା କରିଥିଲେ । ପରେ ସତର୍କ ଭାରତ ଧୀରେ ଧୀରେ ସେସବୁ ବିଦେଶୀ ରାଷ୍ଟ୍ର ବିରୋଧରେ ନିଜର ବୁଦ୍ଧିରେ ଖତାଇ ସେମାନଙ୍କୁ ବେଶରୁ ତଡ଼ିଦାର ଉଦ୍ୟମ କରିଥିଲେ ଏବଂ ସେମାନେ ବି ସଫଳ ହୋଇଥିଲେ ।

ହେଲେ ସେ ସମୟରେ ବିଦେଶୀ ରାଷ୍ଟ୍ରମାନେ ଭାରତର ପ୍ରକୃତ ଶତି ସାଧନ କରିଥାଉଥିଲେ ଯାହା ଦେଶ ପାଇଁ ଅତି ହାନ୍ୟାସ୍ପଦ ଏବଂ ଦୁଃଖଦ ଘଟଣା ଥିଲା । ଏଭଳି ଘଟଣା ପଛରେ ଅନେକ ଗୁଡ଼ିଏ କାରଣ ଥିଲା: ଯାହା ମଧ୍ୟରେ ଅସମାନ ସଂହିତା ଗୋଟାଏ ପ୍ରମୁଖ କାରଣ । ନାରୀରିକ ସଂହିତା ହେଉଛି ଏଭଳି ଏକ ନିୟମ, ଏଭଳି ଏକ ତତ୍ତ୍ୱ ଯାହା ଉପରେ କୌଣସି ବି ବେଶର ଆଦର୍ଶ ନିର୍ଭର କରେ । କୌଣସି ବି ବେଶର ଉନ୍ନତି ନିର୍ଭର କରେ । ଇତିହାସକହୁଛି, ଭାରତରେ ସେହି କଥାର ଅଭାବ ଥିଲା ନିସ୍ୱୟ ଯେଉଁଥିପାଇଁ ବେଶରେଅନ୍ତର୍ନିହିତ ସସମ୍ପଦ ସୃଷ୍ଟି ହୋଇଥିଲା, ଅନ୍ତର୍ନିହିତ ବିବାଦ ସୃଷ୍ଟି ହୋଇଥିଲା । ଗୋଷ୍ଠୀ ଜନତ ତଥା ଗୋଷ୍ଠୀ ବିବାଦ କାରଣରୁ ବେଶ ବିରୋଟ ହିଁ ସୃଷ୍ଟି ହୋଇଥିଲା ଫାଟ । ରାଜ୍ୟ ରାଜ୍ୟ ମଧ୍ୟରେ ଏବଂ ରାଜା ରାଜା ମଧ୍ୟରେ ବେଖାବେଖିଥିଲା ବିବାଦ । ଭାରତୀୟ ପରମ୍ପରାରେ ବହୁ ପୂର୍ବରୁ ରହିଥିଥିଥିବା ଜାତିରେଦ ରାତତୀୟଙ୍କ ଟେତିକଥାକୁ ରେଦକରି ସେମାନଙ୍କୁ ଅଧ୍ୟୋପନର ବାଟ ବେଖାଇଥିଲା । ବିଦେଶୀ ଶକ୍ତି ତା'ର ସୁଯୋଗ ନେଇ ବହୁ ପୂରରୁ ଆସି ବେଶ ଭିତରେ ଅସ୍ଥିରତା ସୃଷ୍ଟି କରିଥିଲା । ବେଶରେ ଏଭଳି ଅସ୍ଥିରତା ସୃଷ୍ଟି ପଛରେ ବହୁତ ବଡ଼ ଗୋଟାଏ କାରଣ ହେଉଛି ଅସମାନ ଆଚାର ସଂହିତା । ଅର୍ଥାତ୍ ବେଶରେ ବିଭିନ୍ନ ପ୍ରକାର ଅସମାନତା ଯାହା ଭିତରେ ଜାତିଭେଦ ହେଉଛି ବଡ଼ ଗୋଟାଏ କାରଣ, ବଡ଼ ଗୋଟାଏ ପ୍ରତିବନ୍ଧକ । ଏଣୁ ଗୋଟାଏ ବେଶରେ ଗୋଟାଏ ନିୟମ ଲାଗୁହେବା ଜରୁରୀ । ସମାନ ଆଚାର ସଂହିତା ହେଉଛି ସେହି ନିୟମ ଯାହା ମାଧ୍ୟମରେ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ ହୋଇପାରିବେ, ସମସ୍ତେ ସମାନଭାବ ମାନ୍ୟତା ପାଇପାରିବେ ।

ଗହ୍ମା ପୂର୍ଣ୍ଣିମା

॥ ଜ୍ୟୋସ୍ନା ମହାପାତ୍ର ॥

ରାକ୍ଷା ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଆମ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ । ସାରା ବେଶରେ ଏହି ଦିନ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଥାଏ । ରାକ୍ଷା ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କରେ ସାକ୍ଷୀ । ଶ୍ରାବଣ ମାସ ପୂର୍ଣ୍ଣିମାରେ ପାଳିତ ହୋଇଥାଏ ରକ୍ଷା ବନ୍ଧନ ଉତ୍ସବ ।

ସାରା ବେଶରେ ଏହି ଉତ୍ସବକୁ ଅତି ଗୁରୁତ୍ୱପୂର୍ଣ୍ଣ ଉତ୍ସବ ଭାବେ ପାଳନ କରାଯାଇଥାଏ । ଗୁଜୁରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ ଆଦି ପ୍ରାନ୍ତରେ ଶ୍ରାବଣ ପୂର୍ଣ୍ଣିମା ଦିନରେ ନାରିକେଳ ପୂର୍ଣ୍ଣିମା ପାଳନ କରାଯାଇଥିବାର ନଜିର ରହିଛି । କେତେକ ରାଜ୍ୟରେ ଏହା ଜାହରି ପୂର୍ଣ୍ଣିମା ନାମରେ ମଧ୍ୟ ପାଳିତ ହୋଇଥାଏ । ଓଡ଼ିଶାର ଦ୍ରାହ୍ମଣ ଶାସନରେ ଏହି ଦିନରେ ଶ୍ରାବଣୀ ବେଦବ୍ରାହ୍ମଣ ବିଦ୍ୟର ଜାରେ ପାଳନ କରାଯାଇଥାଏ । ବ୍ରାହ୍ମଣମାନେ ଏହି ଦିନ ପବିତ୍ର ବୁଢ଼ ପକାଇ ଶ୍ଲୋକ ଉଚ୍ଚାରଣ କରିବା ସହ ଯଜ୍ଞୋପବୀତ ଧାରଣ କରିଥାନ୍ତି ।

ଶ୍ରାବଣ ପୂର୍ଣ୍ଣିମା ଦିନଟିକୁ ଭଗବାନ ଶ୍ରୀକୃଷ୍ଣଙ୍କ ଭ୍ରାତା ବଳରାମ ଜନ୍ମଦିନ ରୂପରେ ପାଳନ କରାଯାଇଥାଏ । ଗହ୍ମା ପୂର୍ଣ୍ଣିମାରେ ଗାଈ, ଗୋରୁ ଏବଂ ବୃଷଜାତିର ପଶୁକୁ ପୂଜା କରାଯିବାର ପରମ୍ପରା ମଧ୍ୟ ରାଜ୍ୟରେ ରହିଛି । ଏହି ଦିନ ବିଭିନ୍ନ ପ୍ରକାରର ପିଠା, ପଣା ପ୍ରସ୍ତୁତ କରାଯାଇ ସାରି ପଡ଼ିଶାରେ ବଂଟା ଯାଇଥାଏ । ଶ୍ରୀମନ୍ଦିରରେ ଶ୍ରବଣ ଶୁକ୍ଳ ଏକାଦଶୀ ଠାରୁ ଆରମ୍ଭ ହୋଇଥିବା ଝୁଲଣ ଯାତ୍ରା ଗହ୍ମା ପୂର୍ଣ୍ଣିମା ଦିନ ଶେଷ ହୋଇଥାଏ । ଝୁଲଣ ଯାତ୍ରା ସମୟରେ ଭାଉଜ କୃଷ୍ଣ ଏବଂ ରାଧାଙ୍କୁ ଦୋଳି ଖେଳା ଯାଇଥାଏ । ରାକ୍ଷା ପୂର୍ଣ୍ଣିମା ଆମ ବେଶର ପ୍ରାଚୀନ ପରମ୍ପରା ଏବଂ ସଂସ୍କୃତିର ଏକ ମହାନ ପର୍ବ, ଯାହା ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ଗାଥା ବହନ କରିଥାଏ । ମୁଁ, ପିଲାଦିନରୁ ମୋ ଭାଇମାନଙ୍କୁ ରାକ୍ଷା ବାନ୍ଧି ଆସୁଛି । ସମୟର ପରିବର୍ତ୍ତନ ଦେଖୁଛୁ ଆଜି ମୋ ପିଲାମାନେ ଏହି ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖୁଛନ୍ତି । ଭାଇ-ଭଉଣୀ ସମ୍ପ୍ରିତୀର ସବୁଠାରୁ ବଡ଼ ଉଦାହରଣ ହେଉଛି ଏହି ରକ୍ଷା ବନ୍ଧନ ।

ଚଣ୍ଡୀମନ୍ଦିର ମାର୍ଗ, କଟକ-୧

ସେ ଦିନ ବର୍ତ୍ତମାନ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଆମ ଗ୍ରାମ ଏକ ପ୍ରାଚୀନ ଗ୍ରାମ ଏପରି ଜନପଦ ଅନ୍ୟ ଜନପଦରୁ କିଛି ନିଆରା । ଏ ସମସ୍ତରେ ଖୁବ୍ ଭାଲ ନଥିରେ ବଜାଇ ଉଦ୍ଦିଲାରେ ପୂର୍ବରୁ ସାଧା ମହଲା କୁଆଘାଉଥିଲା । ପୋଖାଲଜୋନରେ ଏବେ ବିତ ଏପରିକି ପୋଲିସ ପ୍ରଶାସନରେ ପୂର୍ବେ ଗୌକିକୁ ଏବେ ସେହି ବିତ କୁଆଯାଉଛି । ଆମ ଗ୍ରାମ ଆଡ଼ ଦାର୍ଘ ଅନେକ ବଡ଼ ଥିଲା ଯାହା ପଡ଼ା ରାଜ୍ୟ, ସମୟକୁ କେତାଲ ରାଖା ବିଭାଗ ବିଭାଗ କରିଦେଇଛି । ପୂର୍ବରୁ ବନ୍ୟା ବେଳେ ଅନକା ନଦୀରୁ ପେଟୁଆ ଘାଇରୁ ବନ୍ୟା ଜନ ଏକ ବିଶେଷ ଧାରଣରେ ଗ୍ରାମର ପୂର୍ବ ପଟେ ପ୍ରବାହିତ ହେଉଥିଲା । ଏବେ ତାହା ଶବ୍ଦୁ ଆକାଶରେ ସ୍ଥାନେ ସ୍ଥାନେ ତାର ଉଚ୍ଚ ଆକାର ସ୍ଥାନ ମାନଙ୍କରେ ଯୋଗ ହୋଇ ଜେତେ ଖଣ୍ଡ ରହିଛି । ଜନ ନ ହେଲେ ଜନପଦ ସମ୍ଭବ ନୁହେଁ, ଜନ ହିଁ ଚାଷର ଉତ୍ସ । ଏଥି ପାଇଁ ଏ ଗ୍ରାମ କୃଷି ପ୍ରଧାନ ଗ୍ରାମ । ଯେଉଁ ଗ୍ରାମରେ ଠାକୁର ଦୃଶିଜନାଥ ବଡ଼ ମନିବାର ଥିଲେ, ତାଙ୍କର ବହୁ ଉଚ୍ଚତ ଚାଷ କରି ଶସ୍ୟ ରାଶ ଦେଉଥିଲେ ତାଙ୍କିଙ୍କ ସେବା କାର୍ଯ୍ୟ ସୁତାରୁରୂପେ ହେଉଥିଲା । ମୁଁ ଶୁଣିଛି ତାଙ୍କ ଜମି ସତ ବାଟି, ସାତ ଏକର (ମାଣ) ପାଚ ଗୁଣ୍ଠ ଥିଲା । ଏହିପରି ଏହି ଦେବତାଙ୍କ ତତ୍ତ୍ୱାବଧାରକ ମାନଙ୍କ ସମ୍ପତି ନିସ୍ୱୟ ସେହି ପରିମାଣରୁ କିଛି କମ ଥିଲା । ଉତ୍ସାଦିତ ଶସ୍ୟରୁ ଆୟ, ଭୋଜନ, ନିତ୍ୟ ବ୍ୟବହାର ତୁବ୍ୟ ପର୍ବାଣି ସବୁ ନିର୍ଭର ଥିଲା ।

ଏକ ସମୃଦ୍ଧ ଉନ୍ନତ ଅଂଚଳ ଉପରେ ପୂର୍ବ ଜମ୍ମୁମିକ ବଙ୍ଗର ନବାବୀ ପ୍ରଶାସନ ଓ ମୋଗଲ ପ୍ରଶାସନର ଆଧିପତ୍ୟ । ସେମାନେ କେବେ କଦୁମାନ ଜଗାଇ ତାଙ୍କୀଙ୍କ ଉପାଦିତ ଶସ୍ୟ, ଗଛ, ମାଛରୁ ଜର ଆଦାୟ ପାଇଁ କିଛି ତତ୍ତ୍ୱୀ ଏହି ସ୍ଥାନରେ ସବୁ ମୋଗଲ ନବାବ ଅଂଚଳରେ କରିବା ପରି କରିଥିଲେ । ଏହି ଗ୍ରାମରେ ଉତରରେ ମଜୁରାଇ ଓ ଦକ୍ଷିଣରେ ଦଶ ବାଟିଆ ଇସାଜାନିକ ମାଳରୁ ଅଛି । ବହୁଲାଜରୁ ମାନେ ବହୁ ପିଢ଼ି ଧରି ରହି ତାଙ୍କ ନମାଜ ପାଠ ଦୁଇଟି ମସଜିଦ କେତେ ପରୁ କରିସାରିଛନ୍ତି, ସେମାନେ ରାଜତାରା ସର୍ବଦା ରକ୍ଷା କରିଆସୁଛନ୍ତି । ସେମାନେ ପର୍ବରେ ଗ୍ରାମର ସବୁ ହିନ୍ଦୁ ବାସିନ୍ଦା ଜଣାଇତ କରି ଆସୁଛନ୍ତି । ଏପରିକି ହିନ୍ଦୁ ପ୍ରତିବେଶୀଙ୍କ ତାଙ୍କର ପୂର୍ବାହ୍ନର ସ୍ୱାଗତ ଅଛି । ବହୁଲାଜରୁ ମାନେ ଏହି ଆସିଥାଣି । ଅନେକ ମୁସଲିମ ମହିଳା ଶିଶୁରୋଗର ଚୁଣ୍ଡୁକା ଖିଆଇ ଦେଇ ଭଲ ଜରିବା ଜଣାଯାଇଛି । ମହରମ ପର୍ବରେ ସେମାନଙ୍କ ଫରିବୁରା ଖଣ୍ଡବୁରା ବଜାଡି ବୁଲା ନିଜି ଅଙ୍ଗ ସଂଚାଳନ କୁସ୍ତି ଆଦି ଗ୍ରାମରେ ସମସ୍ତଙ୍କ ଦାଖରେ ସମର କୌଶଳ ଦେଖାଇଥିଲେ । ଏ ତାବାତ ନିଜି ସାଇ ମଜିରେ ଦିନାହରେ ବର ଅଟରେ ପଟୁଆରରେ ଏମାନେ ସେପରି ସମର କୌଶଳ ଦେଖାଇବା ପାଇଁ ଅର୍ଥ ଦିନମୟରେ ଆସୁଥିଲେ । ପୁଣି ପାଖ ଖଣ୍ଡାୟତ ପଲ୍ଲୀ ଓ ହରିଜନ ପଲ୍ଲୀର ଯୁବକମାନେ ଏପରି ବିଭିନ୍ନ ଯୁଦ୍ଧ କୌଶଳ ବର ଯାତ୍ରା ଗହଣରେ ଆସି ରୋଷଣୀରେ ରାଜ ନେଉଛୁରେ । ସେ ବାଦ୍ୟ ନାହିଁ, ଝିଲୁକ ଧୋରଲ ତାଳ ନାହିଁ ।

ସେ ରଣକୌଶଳ ପ୍ରଦର୍ଶନ ନାହିଁ ବର ରୋଷଣୀ, ରସବତ୍ତୀ, ବକ୍ସୀ ବାଣ, ପଟ୍ଟିବାଣ, ବମପଟୁକା ବିରାଳ । ଝାଡ଼ ଲାଇଟ ନାହିଁ, ହୋଲାଟ, ଲଣ୍ଠନ ଲାଇଟ, ମସାଲ ଲାଇଟ ନାହିଁ । ସାମନ୍ତ ଭୂଶିଆ ସାମାନ ନାହିଁ, ବରଯାତ୍ରୀଙ୍କୁ ମହାପ୍ରସାଦ ଆଡିଆକୁ ପରଷ, ଅପେକ୍ଷା ନାହିଁ । ପୁରୋହିତଙ୍କୁ ମନ୍ତ୍ର ସଂଖ୍ୟିପ୍ତକର ବାଣୀ ଶୁଣିବାକୁ ମିଳୁଛି । ଜନ୍ୟାଘରେ, ବରଯାଣ ମଣ୍ଡପରେ ଶିବ ତାଣ୍ଡବ ଏବେ ଅନେକ ସ୍ଥାନରେ ଦେଖୁବାକୁ ମିଳୁଛି । ବିବାହ ଘର ଛାମା ପେଖାଇ । ବେଦୀ ଏକ ସେଇଠି ସବୁ ଜାତିର ବରକନ୍ୟା ବିବାହ ବାନ୍ଧିଛି । ବେଦ କାମ ପାଇଁ ବେଦୀ ଏଥାର ନିର୍ମାଣ ପ୍ରଣାଳୀ କିଏ ବୁଝେ ? ବିବାହ ଲଗ୍ନ କଣ ବୁଝିବାକୁ ସମୟ ଅଭାବ । ବର, ଆଗରେ ଅବଗୁଣ୍ଠନବତୀ, ବୋହୁ, ଝିଅ, ବ୍ୟାଣ୍ଡ ବାଜା ତିଳେ ଶବ୍ଦ ତାଳେ ତାଳେ ରାଜପଥରେ କ୍ୟାମେରା ଆଗରେ ଗୁରୁଜନ ଅନେକ ଯୁବକ ପରିବିତ ଏ ପରିବିତ୍ତର ଆଗରେ ବିରାଜୁ ମୁଦ୍ରା ଥାଳ ଉଙ୍ଗାରରେ ନାଚୁଛନ୍ତି । ଏହାର ଗତି କୁଆଡ଼େ କିଏ କହିବ ?

ସମ୍ପାଦକ 'ନିଯତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

ଦୀପାବଳି ପ୍ରଦୂଷଣ : ପରିବେଶ ପାଇଁ ବିପଦ

॥ ଅଲେଖ ଚନ୍ଦ୍ର ସାମଲ ॥

ଆନନ୍ଦ ଆଲୋକର ମହୋତ୍ସବ ହେଉଛି ଦୀପାବଳି । ଏହି ଦିନରେ ମା'ଲକ୍ଷ୍ମୀଙ୍କ ପୂଜା ଆରାଧନା କରାଯାଇଥାଏ । ଏହା ସହିତ ଓଡ଼ିଶାରେ ଏହି ଦିନରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ବହୁ ବହୁଥା ରୀତିନୀତି ପାଳନ କରାଯାଇଥାଏ । ପିତୃଗଣଙ୍କ ଆଶୀର୍ବାଦ କାମନାର ପରମ୍ପରା ଅନେକ ଦିନରୁ ରହିଛି । ଆମ ମାନଙ୍କ ଜୀବନରେ ଦୀପର ଗୁରୁତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆମେ ଦେଖୁଛୁ ଏବେ ଦୀପ ଜଳାଇବା ପରମ୍ପରା ଅନେକ ହ୍ରାସ ପାଇଛି । ଏହାର ମୁଖ୍ୟ କାରଣ ହେଉଛି ବିଦ୍ୟୁତ ଆଲୋକର ବ୍ୟବହାର । ଏହି ବିଦ୍ୟୁତ ଆଲୋକ ଆମ ଜୀବନରେ ଏପରି ଭାବେ ଜଡ଼ିତ ହୋଇଯାଇଛି ଯେ ଏହାକୁ ଛାଡ଼ିବା ଆମ ପକ୍ଷରେ ଅସମ୍ଭବ ପରି ମନେ ହେଉଛି । ଏହି ବିଦ୍ୟୁତ ଆଲୋକ ଆମ ଜୀବନରେ ଯେତିକି ସୁବିଧା ଆଣିଛି ସେତିକି ଅସୁବିଧା ମଧ୍ୟ ସୃଷ୍ଟି କରିଛି । ଏଲଇଡି ଲାଇଟ ଅନେକ ପ୍ରାଣୀଙ୍କର ସର୍ଭାବିତର୍ଯ୍ୟ ଜିବନକୁ ବ୍ୟାହତ କରିଥାଏ । କାରଣ ରାତ୍ରୀରେ ପ୍ରାଣୀମାନେ ସେମାନଙ୍କର କାର୍ଯ୍ୟକଳାପ ଜ୍ଞଂଗା, ପ୍ରଜନନ ଓ ସ୍ଥାନାନ୍ତରଣ ଇତ୍ୟା ପାଇଁ ପ୍ରାକୃତିକ ଆଲୋକ ଉପରେ ଅଧିକ ନିର୍ଭରଶୀଳ ହେଉଥିବାରୁ ଉଚ୍ଚ ଆଲୋକର ଏଲଇଡି ଲାଇଟ ସେମାନଙ୍କ ପାଇଁ କାଳ ସଦୃଶ ହୋଇଥାଏ । ତେଜେ ତେଜେ ଉଜ୍ଜ୍ୱଳ ଆଖି ଝଲସା ତୀକ୍ଷ୍ଣୀ ଆଲୋକ ଗୁଡ଼ିକ ଗାଡ଼ି ଚାଳକଙ୍କ ପାଇଁ ଦୁର୍ଘଟଣାର କାରଣ ମଧ୍ୟ ହୋଇଥାଏ ।

ସେହିପରି ଅଧିକ ପରିମାଣର ବିଜୁଳି ବତୀର ଆଲୋକମାଳା କେବଳ ପ୍ରଦୂଷଣ ଘଟାଇ ନଥାଏ ବରଂ ଆମ ତାପଜ ବିଦ୍ୟୁତ ବ୍ୟବସ୍ଥା ପାଇଁ ଚାପ ସୃଷ୍ଟି କରିଥାଏ । ତାପଜ ବିଦ୍ୟୁତ ଉତ୍ପାଦନର ଉପ ହେଉଛି କୋଇଲା ବା ଜୀବାଶ୍ମ ଅଙ୍ଗାର । ଏହି ଜଳନ ଯେତେ ପୋଡ଼ିବ ବାୟୁ ମଣ୍ଡଳରେ ସେହିପରି ପରିମାଣର କାର୍ବନ ଡାଇଅକ୍ସାଇଡ୍ ଜଳି ବିଶାକ୍ତ ବାୟୁମଣ୍ଡଳର ସୃଷ୍ଟିକରେ । ଏହା ବ୍ୟତୀତ ବିଜୁଳି ତାପ ପ୍ରାୟତଃ ନିମ୍ନମାନର ସୁଷ୍ଟିକରେ ତିଆରି ହୋଇଥିବାରୁ ଅଳ୍ପ ଦିନରେ ନଷ୍ଟ ହୋଇଯାଏ ଏବଂ ଏହା ଆବର୍ଜନା ରାଜରେ ଏଣେତେଣେ ଫିଙ୍ଗା ଯାଏ । ଏହା ଅନେକ ବର୍ଷ ଧରି ବିଘଟିତ ହୋଇ ନପାରି ଜୈବିକ ପରିବେଶ ପ୍ରତି ଅତ୍ୟନ୍ତ ଘାତକ ବିପଦ ସୃଷ୍ଟି କରେ । ଅନେକ ମଧ୍ୟ ଜାଣି ନଥିବେ ବର୍ତ୍ତମାନ ସମୟରେ ଯେଉଁ କୃତ୍ରିମ ମହମର ବ୍ୟବହାର ଆମେ ଦେଖୁଛୁ ଏହାରେ ପାରଫିନ ଜଳି ରାସାୟନିକ ପଦାର୍ଥ ମିଶୁଥିବାରୁ ଅନେକ ପରିମାଣର ମହମବତୀ ଜଳିବା ଦ୍ୱାରା ଏହା ପରିବେଶ ପାଇଁ ଅତ୍ୟନ୍ତ ଘାତକ । ଏସବୁ ଭିତରେ ଅନେକଙ୍କ ଭିତରେ ପରମ୍ପରାର ଅନୁସରଣର ଭାବନା ରହିଛି । ମାତି ଦୀପରେ ବେଶୀ ତେଲ ବ୍ୟବହାର ଜରି ଦୀପାବଳି ପାଳନ କରୁଛନ୍ତି । ଅନେକ ଭାବରେ ପୋଲାଙ୍ଗ, ଜଡ଼ାତେଲ ପରିବେଶ ପାଇଁ ଅତୁକୂଳ । ଏଥିରୁ ପ୍ରଥମତଃ ଅଧିକ ଧୂଆଁ ବାହାରି ନଥାଏ ବରଂ ଏହା ଜୈବିକ ପରିବେଶରେ ଏକ ପ୍ରକାର ବିଶୋଧନ କାର୍ଯ୍ୟ କରିଥାଏ । ତେବେ ପୋଲାଙ୍ଗ ତେଲର ସ୍ୱତନ୍ତତା ରହେଛି ଏଥିରେ କାର୍ବନ ଡାଇଅକ୍ସାଇଡ୍ ଖୁବ କମ ରହିଥାଏ ଏବଂ ସବୁଠାରୁ ବଡ଼ କଥା ହେଉଛି ଏହି ତେଲ ଜଳିଲେ ସେଥିରୁ ସଲଫର ଅକ୍ସାଇଡ୍ ଉତ୍ପନ୍ନ ହୋଇନଥାଏ ଯାହା ବାୟୁମଣ୍ଡଳକୁ ସବୁଠୁ ଅଧିକ ବିଷାକ୍ତ କରିଥାଏ । ପୁଣି ଜଡ଼ାତେଲରେ ଦୀପ ଜଳିବା ସମୟରେ ଯେଉଁ ଧୂଆଁ ନିର୍ଗତ ହୁଏ ତାହା ବାୟୁମଣ୍ଡଳରେ ଥିବା ସାଧା ଜଳି ବିଜିନ୍ନ ଭାଗ। ଧାତୁକୁ ଶୋଷଣ କରିନିଏ ପଜରେ ବାୟୁ ପ୍ରଦୂଷଣ କମ ହୁଏ । ଆଲୁଅ ଅଞ୍ଚାରର କାହାଣୀ ହେଉଛି ଦୀପତଳି । ଏହା କେବଳ ଦୀପ ପ୍ରଜ୍ୱଳନ ତା ପରମ୍ପରାର ଦିନ ନୁହଁ । ଏହି ମଙ୍ଗଳଜନକୀ ପ୍ରଦୀପ ପ୍ରଜ୍ୱଳନ ପଛରେ ଏହା ଯେପରିକି ଅନ୍ଧାର ଦିନାର କରିଥାଏ ସେପରି ଶିକ୍ଷାପ୍ରଦ ମଧ୍ୟ । ଆମର ମହାନ ଭାରତୀୟ ପରମ୍ପରାରେ ଅଗ୍ନି ଓ ତେଲ ଉତ୍ତୟ ପବିତ୍ର ଭାବେ ବିବେଚିତ । ପୁଣି ଶୁଦ୍ଧ ଶକ୍ତି ହୋଇଥିବାରୁ ବୈଦିକ ଜାତିନାତିରେ ଅଗ୍ନିତତ୍ୱର ବିଜିନ୍ନ ଦାପ୍ତିର ଜଳା ଜରୁଥିଲା ଆସିଛି । ଆମ ଓଡ଼ିଆଙ୍କ ଘରେ ଘରେ ସନ୍ଧ୍ୟ ଓ ସକାଳେ ଘର ଦୁଆର ମୁଣ୍ଡରେ ଚଉରାମୂଳରେ ସନ୍ଧ୍ୟବତୀ ପ୍ରଦାନ କରିବାର ଅନେକ ଶୁପ୍ରଚୀନ ପ୍ରଥାଟି ରହିଛି । ପ୍ରଦୀପ ପ୍ରଜ୍ୱଳନ ସମୟରେ ଆମେମାନେ ପରିବେଶଗତ ବିପତ୍ତିକୁ ଭଲ ଭାବେ ଚିନ୍ତା କରିବା ଉଚିତ । ବିପୁଳ ବିଜୁଳି ବତୀର ବ୍ୟବହାର ଦ୍ୱାରା ଆମେ ଏକ ପ୍ରକାର ବିଦ୍ୟୁତ ବ୍ୟବସ୍ଥା ଉପରେ ଚାପ ସୃଷ୍ଟି କରୁଛୁ । ସେହିପରି ଅନେକ ପରିମାଣରେ ନିମ୍ନମାନର ତେଲ ଦୀପରେ ବ୍ୟବହାର କରାଯାଉଥିବାରୁ ଏହା ବାୟୁମଣ୍ଡଳକୁ ବିଷାକ୍ତ କରୁଛି । ତେଣୁ ଆଲୋକର ମହାପର୍ବର ସମୟରେ ଆମେ ଆଧୁନିକ ଜୀବନ ରିତରେ ପରିବେଶର ବିପତ୍ତିକୁ ଚିନ୍ତିବ ଏବ ଭାବେ ଦେଖିବେ ଦୀପାବଳିଟି ଅଧିକ ଶିକ୍ଷାପ୍ରଦ ହେବ ଆମ ସମସ୍ତଙ୍କ ପାଇଁ ।

ପୂର୍ବତନ ଡିଏଫ୍ଓ , ପଲାଳ, ବାଲିହରିପୁର, ଯାଜପୁର
ଦୂରଭାଷ : ୯୪୩୭୨୫୭୧୨୩

ଡ. ଶଂକର ବକ୍ସି ଏକ ଅଲିଭା ଦୀପ

॥ ଶ୍ରୀ ଭାଗବତ ପାଢ଼ୀ ॥

କେହି ଜନ୍ମନାହିଁ ରହିବେ ନାହିଁ ଏହି ଭରଂଗ ଭୂମିତଳେ, ସବେ ନିଜନିଜ ଅଭିନୟସାଜି ଚାଲିଯିବେ କାଳ ବେଳେ । ଏହା ଜୀବନର ଶାଶ୍ୱତ ଅଟେ ।ଜନ୍ମହେଲେ ମୃତ୍ୟୁ ଧ୍ରୁବ ସତ୍ୟ ।ଏହିଭଳି ଜଣେ ଯୁଗଜନ୍ମା ଶିକ୍ଷାବିତ୍ ଡ.ଶଂକର ପ୍ରସାଦ ବକ୍ସିଙ୍କର ଆବିର୍ଭାବ ହୋଇଥିଲା ଏହି ପାରଜାଖେମୁଣ୍ଡି ମାଟିରେ ।ଐତିହ୍ୟ ଓ ସଂସ୍କୃତିର ମାଟି ଆକଟି ନେଇଥିଲା ବରପୁତ୍ରଙ୍କ ବହୁତ ସଂଘାତର ସହ ।ପାରଜାଖେମୁଣ୍ଡି ଗଜପତି ମହାବିଦ୍ୟାଳୟରୁ ଚାକ୍ଷନିଦା ଶିକ୍ଷାନ(ଜନ୍ମମାନ)ରେ କୃତିତ୍ୱର ସହ ଉତୀର୍ଣ୍ଣ ହୋଇ ଉଚ୍ଚତର ଶିକ୍ଷାନୁଶୀଳନ ପାଇଁ ବେଙ୍ଗାଲୁରୁ ଜି.ଉଦୟଗିରି କଲିଜ୍ ମହାବିଦ୍ୟାଳୟରେ ଅଧ୍ୟାପନା ଆରମ୍ଭ କରନ୍ତି ।ସେଠାରେ ନିଜର ପ୍ରତିଭାକୁ ମୁକ୍ତ କରିବାର ସୁଯୋଗ ମିଳେ ।ଜଣେ କ୍ରିକେଟିୟର ହିସାବରେ ସୁନାମ ଅର୍ଜନ କରିଥିବା ଡ.ବକ୍ସି ସେଠାରେ ମଧ୍ୟ କ୍ରିକେଟ ପ୍ରତି ପ୍ରେରଣା ଦେବାର ସୁଯୋଗ ପାଇଥାନ୍ତି ।ତାଙ୍କରି ଉଦ୍ୟମରେ ସବ୍‌ଜିଞ୍ଜେର୍ସ କ୍ରିକେଟ କ୍ଲବ ଗଠନ ହୋଇଥିଲା ।ନିଜର ଛାତ୍ର ତଥା ଯୁବଗୋଷ୍ଠୀଙ୍କୁ ଏ ଦିଗରେ ଉତ୍ସାହିତ ଦେବାରେ ପଛଞ୍ଚ ନାଇାରି ।ସେଠାରେ ଦୀର୍ଘ ବର୍ଷ ଅଧ୍ୟାପନାରେ ସମସ୍ତଂକ ପ୍ରିୟଜାଜନ ହୋଇପାରିଥିଲେ । ଏହାପରେ ଗୁଣପୁର ମହାବି



ସେଇଠାରୁ ଆରମ୍ଭ
SEITHO ARAMBHA



ଶୁକ୍ରବାର, ୬ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଉତ୍କଳ ବିଶ୍ୱବିଦ୍ୟାଳୟ ଲେଡିଜ୍ ହଷ୍ଟେଲରେ ଆୟୋଜିତ ହେଲା ସ୍ୱାସ୍ଥ୍ୟ ସଚେତନତା ଶିବିର



ଭୁବନେଶ୍ୱର, ୦୫/୧୧ (ଆ.ପ୍ର) : ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ଜଜ୍ଞାଣକୁ ଗୁରୁତ୍ୱ ଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ ଏନ୍.ଏସ୍.ଏସ୍ ୟୁନିଟ୍ ଏବଂ ଆପୋଲୋ ହସ୍ପିଟାଲର ମିଳିତ ସହଯୋଗରେ ଲେଡିଜ୍ ହଷ୍ଟେଲ ନମ୍ବର ୬ ଓ ୭ରେ ଦୁଇଦିନିଆ ସ୍ୱାସ୍ଥ୍ୟ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆରମ୍ଭ ହୋଇଛି । ନଭେମ୍ବର ୪ ଓ ୫ ତାରିଖରେ ଆୟୋଜିତ ଏହି ଶିବିରରେ ଆପୋଲୋ ହସ୍ପିଟାଲର ସିନିୟର କନ୍ସଲଟାଣ୍ଟ ଡାକ୍ତରମାନେ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରୁଛନ୍ତି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଞ୍ଚୀ ପ୍ରସାଦ ନନ୍ଦ ଏବଂ ପିଜି ଜାଇପସିଲ୍ ଅଧ୍ୟକ୍ଷ ପ୍ରଫେସର ଜଟ୍ଟେଶ୍ୱର ଦଣ୍ଡପାଟ ଶିବିର ପରିଦର୍ଶନ କରି ଛାତ୍ରୀନ୍ଦ୍ର ବ୍ୟବସ୍ଥାର ଭୂୟସୀ ପ୍ରଶଂସା କରିଥିଲେ । ଏଥିସହ ଛାତ୍ରୀମାନଙ୍କ ସହ ବିଧାନସଭା ଆଲୋଚନା କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ସୁବିଧା ଅସୁବିଧା ସମ୍ପର୍କରେ ପତାକି ବୁଝିଥିଲେ ।

ପ୍ରତିରୋଧକ ବ୍ୟବସ୍ଥା ସମ୍ପର୍କରେ ଡାକ୍ତରମାନେ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରୁଛନ୍ତି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଞ୍ଚୀ ପ୍ରସାଦ ନନ୍ଦ ଏବଂ ପିଜି ଜାଇପସିଲ୍ ଅଧ୍ୟକ୍ଷ ପ୍ରଫେସର ଜଟ୍ଟେଶ୍ୱର ଦଣ୍ଡପାଟ ଶିବିର ପରିଦର୍ଶନ କରି ଛାତ୍ରୀନ୍ଦ୍ର ବ୍ୟବସ୍ଥାର ଭୂୟସୀ ପ୍ରଶଂସା କରିଥିଲେ । ଏଥିସହ ଛାତ୍ରୀମାନଙ୍କ ସହ ବିଧାନସଭା ଆଲୋଚନା କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ସୁବିଧା ଅସୁବିଧା ସମ୍ପର୍କରେ ପତାକି ବୁଝିଥିଲେ ।

୪୨ ଦିନ ପରେ ସମାଧି ଖୋଳି ଶବର ମୁଣ୍ଡ କାଟିନେଲେ ଦୁର୍ବୃତ



ନବରଙ୍ଗପୁର, ୦୫/୧୧ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଡେବୁନିଝୁଟି ଆନା ଅନ୍ତର୍ଗତ ନନ୍ଦାହାଣ୍ଡି ବୁରର ନରସିଂହଗୁଡ଼ା ଗ୍ରାମରେ ଘଟିଛି ଚଞ୍ଚଳିତା ପାଇଁ ମସାଣିରେ ବାହାର କାଣ୍ଡ । ମୃତଶୁ ୪୨ ଦିନ ପରେ ସମାଧି ଖୋଳି ଶବର ମୁଣ୍ଡ କାଟିନେଇଛନ୍ତି ଦୁର୍ବୃତ । ମସାଣି ଭିତରେ କୁକୁଡ଼ା ବଳି, ପୂଜାପାଠ ଏବଂ ତା'ପରେ ମୃତ ଯୁବତୀଙ୍କ ମୁଣ୍ଡ ଗାଏବ । ଘଟଣାକୁ ନେଇ ନରସିଂହଗୁଡ଼ା ଗାଁରେ ଖେଳିଯାଇଛି ଆତଙ୍କ । ଜାନାଯା ମାଟୀ (୨୭) ଅବିବାହିତ ଯୁବତୀଙ୍କୁ ୪୨ ଦିନ ତଳେ ଜବର ଦିଆଯାଇଥିଲା । ଗତ ସେପ୍ଟେମ୍ବର ୨୬ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା । ହେଲେ ଡାକ୍ତରୀ ମାଟୀ ବା ଉତ୍ତଜାନ ଆସିଥିବା ଜଣାପଡ଼ି ଜବ ନକରି ଗାଁ ମସାଣିରେ ପୋତି ଦେଇଥିଲେ ପରିବାର ଲୋକେ ସ୍ଥାନୀୟ ବିଶ୍ୱାସ ଅନୁଯାୟୀ, ଶବ ପୋତିବାର ୨୧ ଦିନ ପର୍ଯ୍ୟନ୍ତ ତାଲିମାନେ କିଛି କରିପାରନ୍ତି ବୋଲି ଆଶଙ୍କା କରି ମସାଣିରୁ ଜରି ରହିଥିଲେ ପରିବାର ଲୋକେ । ହେଲେ ୨୧ ଦିନ ପରେ ଜରିବା ବନ୍ଦ ଜରିଦେଇଥିଲେ । ୪୨ ଦିନର ରାତିରେ ପରିବା ଅଭାବନୀୟ ଘଟଣା ସଜାନେ ଗ୍ରାମବାସୀ ଶୋତ ପାଇଁ ଯାଇଥିବା ବେଳେ ସମାଧି ଖୋଳା ହୋଇଥିବା ଦେଖିଥିଲେ । ଖବର ପାଇ ପରିବାର ଲୋକେ ଓ ଗ୍ରାମବାସୀ ପାଦ୍ରି ଯାଇଥିବା ଦେଖିବା ପରେ ଥାନାକୁ ସୂଚନା ଜଜିଦେଲା । ସମାଧି ଭିତରେ ଦୁଇଟି କୁକୁଡ଼ା ବଳି ପୂଜାପାଠର ସାମଗ୍ରୀ ଆଉ ଶବରୁ ଗାଏବ ମୁଣ୍ଡ । ଜେଭି ଦୁର୍ବୃତ ଶବରୁ ଖୋଜି ବାହାର କରି ମୁଣ୍ଡ କାଟି ନେଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ । ଏଭା ପଛରେ ତନ୍ତ୍ରବିଦ୍ୟା, ଜୁଆଁ ବିଦ୍ୟା କିମ୍ବା ଜୌଶକି ଗୁପ୍ତ ପୂଜାପାଠର ଉଦ୍ଦେଶ୍ୟ ଥିବା ସନ୍ଦେହ କରୁଛନ୍ତି ଗ୍ରାମବାସୀ ଘଟଣା ପରେ ପରିବାର ଲୋକେ ପୁଣି ଶବକୁ ସେତି ଦେବ ନ୍ୟାୟ ପାଇଁ ଦାବି କରିଛନ୍ତି ପରିବାର ଲୋକେ ।

ଡିସେମ୍ବର ୧୨ ତାରିଖରେ ବର୍ଷର ଚତୁର୍ଥ ତଥା ଶେଷ ରାଷ୍ଟ୍ରୀୟ ଲୋକ ଅଦାଲତ

ପାରଳାଖେମୁଣ୍ଡି, ୦୫/୧୧ (ଆ.ପ୍ର) : ଆସନ୍ତା ଡିସେମ୍ବର ୧୨ତାରିଖରେ ପାରଳାଖେମୁଣ୍ଡି ଓ.ଉଦୟଗିରି, ମୋହନା ଓ ସାମଲଗଡରେ ଅଦାଲତ ପରିସରରେ ବର୍ଷର ଚତୁର୍ଥ ତଥା ଶେଷ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଇଛି । ଏହି ଅଦାଲତରେ ପ୍ରାୟ ସାମ୍ବ ପ୍ରକାର ପ୍ରାକ-ଯରାୟ ମକଦ୍ଦମା ଓ ଟିଗରାଇନ୍ ମକଦ୍ଦମା ଯଥା :- ଫୌଜଦାରୀ (ସାଜିସ ଯୋଗ୍ୟ), ଚେକ୍ ଜାରନସ୍ତ, ସାମାଜିକଯୋଗ ସୁବିଧାଭୋଗୀ, ବ୍ୟାଙ୍କ ଜଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ବିବାଦ, ରୋଜଷେରୀ ସାମ୍ବାୟ ମାମଲା, ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ପାରିବାରିକ ବିବାଦ, ଜମି ଅଧିଗ୍ରହଣ, ଚାଳିରି ସମ୍ବାୟ (ପେନ୍ସନ୍ସନ), ଗଚ୍ଛସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା ବିଚାରଯୋଗ୍ୟ ହେବ । ଲୋକ ଅଦାଲତରେ ମକଦ୍ଦମା ଅଯା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡିବ ନାହିଁ । ଲୋକ ଅଦାଲତରେ ଖାସ ବେଧ ଓ ବୁଝାମ । ଦାୟିତ୍ୱବିଜ୍ଞମାନେ ଏହି ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏଭା ଏକ ସୁଯୋଗ । ସବିଶେଷ ବିବରଣୀ ନିମନ୍ତେ ନୂତନ ଜୋଟ ପରିସରରେ ଥିବା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ପାରଳାଖେମୁଣ୍ଡି, ଗା.ଉଦୟଗିରି ଓ ମୋହନା ଜୋଟ ପରିସରରେ ଥିବା ତାଲୁକା ଆଇନ୍ ସେବା କମିଟି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି ।

ମନ୍ଦିର ପ୍ରତିଷ୍ଠା ଦିବସରେ ଯୋଗଦେଲେ ବିଧାୟକ



ଦଶପଲ୍ଲା, ୦୫/୧୧ (ଆ.ପ୍ର) : ପୁରୁଣା ଦଶପଲ୍ଲା ଗାଜତାଟାରେ ଗ୍ରାମର ଆରାଧ୍ୟ ଠାକୁରାଣୀ ମା' ଦୃଗଖୁଣି ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯିବା ବେଳେ ଶ୍ରୀ ଜଗନ୍ନାଥ ଜିଉଙ୍କ ମନ୍ଦିର ପରିସରରେ ମହାଜାତଙ୍କ ମୂର୍ତ୍ତି ପ୍ରତିଷ୍ଠା ହୋଇଛି । ଜଗନ୍ନାଥ ଜିଉ ଜନ୍ମୋତ୍ସବ କମିଟିର ସମସ୍ତ ସଦସ୍ୟଙ୍କ ପ୍ରଚାଶ୍ରମ ଉଦ୍ୟମକାଣରେ ସମସ୍ତ ଦେବ କାର୍ଯ୍ୟ ସମ୍ପାଦନ କରାଯାଇଥିଲା । ଠାକୁରାଣୀଙ୍କ ମନ୍ଦିର ଓ ମହାଜାତଙ୍କ ସମ୍ମୁଖରେ ଜୋମ ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟ ଉତ୍ସବେ ଗଣେଶ ପଡିଡ଼ା, ଦାମୁସିମାରୀ ପଡିଡ଼ା, ସୁରେନ୍ଦ୍ର କୁମାର ପଡିଡ଼ା ଓ ବାସନ୍ତୀ ପଡିଡ଼ା ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତ କମଳ ମିଶ୍ର, ସୋନୁ ପଣ୍ଡା ଓ ବିଶ୍ୱରଞ୍ଜନ ବାସଙ୍କ ଦ୍ୱାରା ସମସ୍ତ ଦେବ ନାତି ସମ୍ପନ୍ନ କରାଯାଇଥିଲା । ଏହି ଉତ୍ସବରେ ସ୍ଥାନୀୟ ଅଂଚଳର ଭଜାର ଭଜାର ଶ୍ରଦ୍ଧାଳୁ ଏକତ୍ର ଯୋଗଦେଇ ଥିଲେ । ଏହି ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଜପାଲ୍ଲି ବିଧାୟକ ଉମେଶଚନ୍ଦ୍ର ଦେଉରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ବୁକ ଅଧ୍ୟକ୍ଷ ଜଏପ୍ରକାଶ କୁମାର ସାହୁ, ସ୍ଥାନୀୟ ସରପଂଚ ସନ୍ଧ୍ୟାରାଣୀ ଦେବେରା, ସମିତି ସଭ୍ୟା ମନୋରମା ଦେବେରା, ଜିଲ୍ଲା ପରିଷଦ ସଦସ୍ୟା ବସନ୍ତ କୁମାର ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଉତ୍ସବରେ ଜିର କମିଟିର ସମସ୍ତ ସଦସ୍ୟଙ୍କୁ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ ।

ଗଣିଆରୁ ୪ ଜଣଙ୍କୁ ମିଳିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ଗଣିଆ, ୦୫/୧୧ (ଆ.ପ୍ର) : ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଏବଂ ପ୍ରଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଏ । ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ, ଶିକ୍ଷାର ମାନ ବୃଦ୍ଧି ଏବଂ ଛାତ୍ରଛାତ୍ରୀ, ଶିକ୍ଷକ, ପୁରାତନ ଛାତ୍ର କମିଟି ଓ ସ୍ଥାନୀୟ ପ୍ରତିନିଧିଙ୍କ ଭାଗଚାଷୀକୁ ଉତ୍ସାହିତ କରିବା ଏହି ପୁରସ୍କାର ପ୍ରଦାନ କରିବାର ମୁଖ୍ୟ ଉଦ୍ଦେଶ୍ୟ । ତେବେ ନୟାଗଡ଼ ଜିଲ୍ଲାର ୧୪ ଜଣ ମନୋନୀତ ହୋଇଥିବା ତେବେ ଗଣିଆ ବୁଲକ ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠର ଶିକ୍ଷୟିତ୍ରୀ ସଂଯୁକ୍ତା ମଣ୍ଡଳ, ରାମଚନ୍ଦ୍ର ପ୍ରାଣବନ୍ଧୁ ଜନ ବିଦ୍ୟାପୀଠ, ରାସଙ୍ଗର ଅଜିତ କୁମାର ନାୟକ, ବାପଳ କୁମାର କୁଅଁର, ପଦୁନାର ଉଚ୍ଚ ବିଦ୍ୟାଳୟ ଆଡକଟାର ଜାବେଦା ସୃଷ୍ଟି ମନୋନୀତ ହୋଇଛନ୍ତି । ରାସଙ୍ଗର ବିଦ୍ୟାଳୟ ଉତ୍ତରଣ ସଂଗଠନ ଏହାର ଜାହିର କରିବା ସହ ଏହି ପୁରସ୍କାର ପାଇ ଚାଲିଥିବାରୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଅବସରପ୍ରାପ୍ତ ଶିକ୍ଷକ ପୂର୍ବତନ୍ତ୍ର ସାହୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଗୁରୁତ୍ୱର ବିଦ୍ୟାଳୟ ତରଫରୁ ଉଭୟ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ଅର୍ଣ୍ଣବରେ ପ୍ରଭାବିତ ବିପନ୍ନଙ୍କୁ ଆଶ୍ୱାସନା ଓ ସହାୟତା ପ୍ରଦାନ କଲା ଓରଦା ଓ କଳାକାର ମହାସଂଘ



ଟିକାଦାଣି, ୦୫/୧୧ (ଆ.ପ୍ର) : ଜଜ୍ଞମାନ ଜିଲ୍ଲା କଳାକାର ମହାସଂଘ ଓ ଓରଦା ଅନୁଷ୍ଠାନର ସଭାପତି କିଷ୍ଣା ଚନ୍ଦ୍ର ଡିଗାଇଙ୍କ ନେତୃତ୍ୱରେ ଜିଲ୍ଲାପାଟ ରିଲିଫ କ୍ୟାମ ରେ ବାସହରା ଲାଇ ଓ ଉଉଣାଙ୍କୁ ସାହାଯ୍ୟ ସହଯୋଗର ହାତ ବଢ଼େଇଲେ । ଜନବାସୀ କଳା ପରିଷଦ, ସେରେବ କୁଚ ଝାଗିଚି ନୃତ୍ୟ, ସାଲାର ବାଡ଼ି, ମା ବରଜଦେବୀ, ଗ୍ରାମଦେବୀ, କୁଳାଙ୍ଗା ସତ୍ତୁ, ପରାମାସାଡି, ସମାଜୁଭ, ଆଦିଶକ୍ତି, ଏହିପରି ଦଶରୁ ଉର୍ଦ୍ଧ୍ୱ ସାଂସ୍କୃତିକ ଦଳ ଅର୍ଣ୍ଣବ ବାତ୍ୟା ଜନିତ ବେସାହାରା ଚିଡ଼ିମାଡାଲି ଓ ଚଲିଙ୍ଗିଆ ଗ୍ରାମର ଆଦିମ ଜନଜାତି ଯେଉଁ ମାନେ କି' ଆଦାଦାମନ କାଳରୁ ବହୁପୀଢ଼ିଶୁରେ ଘେରା ଥିବା ଜଙ୍ଗଲ ମଧ୍ୟରେ ଜୀବନ ଯାପନ କରୁଥିଲେ ସେହି ପରର ପରିବାର ଆଜି କାଲାପାଙ୍ଗା ଗିଲିପି ଜେରୁରେ ଆଶ୍ରୟ ନେଇଛନ୍ତି, ସେ ଦିନ ଯଦି ପ୍ରଶାସନ ବୃତା ପୂର୍ବ ସୂଚନା ଦିଆଯାଇଥାନ୍ତା ହୁଏତ ଆଜି ବିରାଟ ବିପଦରୁ ମୁକ୍ତି ମିଳିଥାନ୍ତା ଏହି ବେସାହାରା ପରିବାରକୁ, ସେମାନେ ଆଜି ଆମ୍ଫାନକୁ ହଜାର ଦୁଃଖ ଯନ୍ତ୍ରଣା ରେ ପଡିଚି ମୁହୂର୍ତ୍ତରେ ଛଟପଟ ଜୀବନ ବିତାଉଛନ୍ତି ଏହି ଦୁଃଖର ପରିବାରକୁ ଅନେକ ସାମାଜିକ ସଂଗଠନ ସାହାଯ୍ୟ କରିବା ପାଇଁ ଆଗେଇ ଆସୁଥିବା ବେଳେ ବିକାଦାଣି ଓରଦା ଓ କଳାକାର ମହାସଂଘ ମଧ୍ୟ ନିଜର ମାନବିକତା ଦାୟିତ୍ୱ ନିରେଇଛି । ଆଉ ନିଜର ସକ୍ଷମ ମୁତାବକ ତିନି କୁଇଂଟାଲ ଚାଉଳ ଏବଂ ମୁଡି ସହାୟତା କରିଥିଲେ । ଏକ ଆଶ୍ୱାସନା ସଭା ମାଧ୍ୟମରେ ସମସ୍ତ ଦୁଃଖୀ ପରିବାରକୁ ସମବେଦନା ସ୍ୱରୂପ ଧୋର୍ଯ୍ୟର ସହିତ ସବୁ ପରିସ୍ଥିତି ସାମ୍ନା କରି ଜୀବନର ଗତିପଥକୁ ଆଗେଇନାବାକୁ ସାହସ ଯୋଗାଇଥିଲେ । ଆଉ ଆବଶ୍ୟକ ପଡିଲେ ମହାସଂଘ ସର୍ବଦା ସହଯୋଗର ହାତ ବଢେଇବକୁ ପ୍ରସ୍ତୁତ ରହିବ ବୋଲି ଦୃଢ଼ ଉକ୍ତି ଦାଖିଥିଲେ । ଏହିପରି ପ୍ରେଷାରେ ଜମି ଓ ଘର ହରେଇଥିବା ପରିବାରକୁ, ନମି, ଘର ଓ ଅନ୍ୟାନ୍ୟ ସୁବିଧା ଯୋଗାଇବାକୁ ମହାସଂଘ ତରଫରୁ ରାଜ୍ୟସରକାରଙ୍କୁ ଦୃଷ୍ଟି ଆକର୍ଷଣ କରିଥିବା ଜଣା ପଡ଼ିଛି ଆଜିର କାର୍ଯ୍ୟକ୍ରମରେ କୁଲୁ ଡିଗାଲ, ଅଧିଶ୍ୱର ମଳିକ, ଜଡକା ପ୍ରଧାନ, କୁନା ଡିଗାଲ, ରଙ୍କୁ ଡିଗାଲ, ପୂର୍ଣିମା କର୍ଦ୍ଦର, ବବିତା, ପୁମିଳା, ବାବଲ ଓ ରାଇନିଆରୁ ମିନି ନାୟକ ସମିଲ ଥିଲେ ।

ବୋଲଗଡ଼ରେ ମଣ୍ଡଳସ୍ତରୀୟ ସୁରଭି ଅନୁଷ୍ଠିତ




ଖୋର୍ଦ୍ଧା, ୦୫/୧୧ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ମଣ୍ଡଳସ୍ତରୀୟ ସୁରଭି ଧଳାପଥର କଳାପଥର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟ ଓ ଶିକ୍ଷକ ପ୍ରସୁନ୍ନ ନାୟକଙ୍କ ସଂଯୋନାରେ ହୋଇଥିବା ଉତ୍ସବାନୋତ୍ସବ ଉତ୍ସବ ରେ ବରିଷ୍ଠ ଶିକ୍ଷାବିତ ଧଳାପଥର ମୁଖ୍ୟ ଅତିଥି, ନୟାଗଡ଼ ସହ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଅମିତା ମିଶ୍ର ମୁଖ୍ୟ ବକ୍ତା, ବୋଲଗଡ଼ ସହ ଶିକ୍ଷା ଗୋଷ୍ଠୀ ଅଧିକାରୀ ଓ ମଣ୍ଡଳ ସଂଯୋଜକ ବୈକାସ ନାଥ ସ୍ୱାଇଁ ଏବଂ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ନାୟକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସେତ୍ର ମୋହନ ଗଣ ବୋଲଗଡ଼ ଓଷ୍ଟା ସଭାପତି, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ରାଜାରାଣୀ ସାହୁ, ଉତ୍ତର ରା ସାଙ୍ଗଠନିକ ସମ୍ପାଦକ କୃଷ୍ଣଚନ୍ଦ୍ର ଦାସ, ପ୍ରାକ୍ତନ ଶିକ୍ଷକ ଜୟକୃଷ୍ଣ ଦାଶ, ଦେବିପାପଡ଼ା ସିଆରସିସି ପ୍ରକାଶ କୁମାର ମହାପାତ୍ର ସାଳମାଡିଡା ଅତିଥିରୂପେ ଯୋଗ ଦେଇଥିଲେ । ଉଦଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟ ଓ ଶିକ୍ଷକ ପ୍ରଫୁଲ୍ଲ ସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜେଜୁନିଆର ଜନପ୍ରିୟ ବିଧାୟକ ପ୍ରତାପ କୁମାର ସାହୁ ମୁଖ୍ୟ ଅତିଥି, ଆଧାତ୍ମିକ ପ୍ରବକ୍ତା ପୂର୍ଣଚନ୍ଦ୍ର ଦେବେରା ମୁଖ୍ୟବକ୍ତା, ଧଳାପଥର ଗ୍ରାମ ପଂଚାୟତ ସରପଂଚ ନାରାୟଣ ସାହୁ, ସମିତି ସଭ୍ୟ ବିଜୟ କୁମାର ସୁବୁଦ୍ଧି, ବୋଲଗଡ଼ ଶୈକ୍ଷିକ ଉନ୍ନୟନ ପରିଷଦର ଉପଦେଷ୍ଟା ପଦ୍ମଚରଣ ବେରେରା, ଶିକ୍ଷକ ନେତା ଶୈଳେନ୍ଦ୍ର ପଟ୍ଟନାୟକ, ସମ୍ପୃକ୍ତ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପୁଷ୍ପାନ୍ତ କୁମାର ସାହୁ, ଫଂଡ ସଂଗ୍ରା ଶିକ୍ଷା ସେତୁ ସଂଗଠନର ସଭାପତି ରାଜେଶ ପଟ୍ଟନାୟକ ସାହୁ, ସାଙ୍ଗଠନିକ ସମ୍ପାଦକ କୃଷ୍ଣଚନ୍ଦ୍ର ଦାସ ସଂଜ୍ଞାତିତ ଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉସାହିତ କରିବା ସହିତ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ସମସ୍ତ ବିଜାୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନେ ଜିଲ୍ଲାସ୍ତରୀୟ ସୁରଭି ରେ ଅଂଶଗ୍ରହଣ କରିବେ । ପରିଶେଷରେ ଧନ୍ୟବାଦ ଅର୍ପଣ ପୂର୍ବକ ସଭାସାଙ୍ଗ କରାଯାଇଥିଲା ।

ଅନଲାଇନ୍ ସୁରକ୍ଷା ଓ ସଚେତନତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁମି ସତନାମୀ ପୁରସ୍କୃତ



ଜଳାହାଣ୍ଡି, ୦୫/୧୧ (ଆ.ପ୍ର) : ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ୧୬ତମ ପ୍ରତିଷ୍ଠା ଦିବସ ଅବସରରେ ଡା. ଠା. ୧୩.୧୧.୨୦୨୬ରିଖ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ଜନଉଜସବନ ହଲ୍‌ଠାରେ ଆୟୋଜିତ ସମାରୋହରେ ଜଳାହାଣ୍ଡି ଜିଲ୍ଲା ଗୋଲମୁଣ୍ଡା ବୁରର ଡିଡିଆ ଗ୍ରାମର ଆଦିବାସୀ କିଶୋରୀ ନେତ୍ରୀ ସୁମି ସତନାମୀଙ୍କୁ ଅନଲାଇନ୍ ଅପରାଧ ରୋକିବା, ଅନଲାଇନ୍ ସୁରକ୍ଷା ଓ ସାଇବର ସଚେତନତା ପ୍ରସାର ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଏବଂ ଜାହ୍ନା ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷଙ୍କ ଜଗଜମଳରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଛି । ନିଜ ସହପାଠୀ, ସମ୍ପ୍ରଦାୟ ଓ ସମ୍ପ୍ରଦାୟ ମଧ୍ୟରେ ଅନଲାଇନ୍ ସୁରକ୍ଷା, ସାଇବର ଅପରାଧ ସମ୍ପର୍କିତ ସଚେତନତା ଏବଂ ଦାୟିତ୍ୱପୂର୍ଣ୍ଣ ଡିଜିଟାଲ ଅଭ୍ୟାସକୁ ପ୍ରୋତ୍ସାହିତ କରିବାରେ ତାଙ୍କର ସକ୍ରିୟ ଅବଦାନକୁ ଏହି ସ୍ୱୀକୃତି ପ୍ରଦାନ କରାଯାଇଛି । ଏହି ସଫଳତା ଜିଲ୍ଲା ପ୍ରଶାସନ ଏବଂ ଏଡ୍ ଏଟ୍ ଆକ୍ସନ୍ ଓ ୟୁନିସେଫ୍ ଓଡ଼ିଶାର ଯୌଷ୍ଟିକ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ଆଦିବାସୀ କାର୍ଯ୍ୟକ୍ରମ ମାଧ୍ୟମରେ କିଶୋର-କିଶୋରୀ ସଶକ୍ତିକରଣ ଓ ନେତୃତ୍ୱ ବିକାଶର ଏକ ପ୍ରତିଫଳନ । ଏହି କାର୍ଯ୍ୟକ୍ରମ ଜରିଆରେ ଜିଲ୍ଲାର ବିଭିନ୍ନ ବୁକ୍ ଓ ଗ୍ରାମ ପଂଚାୟତ ସ୍ତରରେ କିଶୋର-କିଶୋରୀମାନେ ସଚେତନତାର ବାର୍ତ୍ତାବାହକ ଓ ସଜାଗାମୂକ ପରିବର୍ତ୍ତନର ନେତୃତ୍ୱ ନେବାକୁ ସକ୍ଷମ ହେଇଛନ୍ତି ।

ମେଗା ରକ୍ତଦାନ ଶିବିର ପାଇଁ ପଳାଶୋଳ ୟୁଥ ହେଲପିଙ୍ଗ ଚାରିଟେବୁଲ ଟ୍ରଷ୍ଟର ପ୍ରସ୍ତୁତି



ଜଗତସିଂହପୁର, ୦୫/୧୧ (ଆ.ପ୍ର) : ଜଗତସିଂହପୁର ବୁକ ଅନ୍ତର୍ଗତ ପଳାଶୋଳ ୟୁଥ ହେଲପିଙ୍ଗ ଡଏ ଚାରିଟେବୁଲ ଟ୍ରଷ୍ଟ ସଭାଗୃହରେ ଟ୍



ଶୀତଳଜଳ ଆରମ୍ଭ
SEITHO ARAMBHA



ଶୁକ୍ରବାର, ୭ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ବାଲେଶ୍ୱର ଜିଲ୍ଲା କିଷାନ କଂଗ୍ରେସର ସାଂଗଠନିକ ବୈଠକ



ବାଲେଶ୍ୱର, ୦୫/୧୧ (ଆ.ପ୍ର) : ଉତ୍ତର ଓଡ଼ିଶାର ଖାଦ୍ୟଶସ୍ତି ଭାବେ ପରିଚିତ ବାଲେଶ୍ୱର ଜିଲ୍ଲାରେ ଚଳିତବର୍ଷ ପ୍ରକୃତିକୁପିତ ବନ୍ୟାଯୋଗୁଁ ଖରିଫ ଧାନଫସଲ ଓ ପରିପ୍ରେକ୍ଷିତ ଚାଷ ଜଳୁଡ଼ି ଯାଇଥିବାବେଳେ ସରକାର ଷ୍ଟିପ୍ତ ଚାଷୀଙ୍କୁ ଉପଯୁକ୍ତ ସହାୟତା ଦେଖା ପରିବର୍ତ୍ତେ ଷ୍ଟାଟେଲାଇଟ୍ ସର୍ଭେ ଆଜରେ ଅଫ୍‌ଲାଇନ୍-ଅଫଲାଇନ୍‌ର ପ୍ରହସନ କରି ଚାଷୀମାନଙ୍କୁ ଦାଦନ୍ତ କରିବାର ଅଭିଯୋଗରେ ଗତକାଲି ଅପରାହ୍ନରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ କିଷାନ କଂଗ୍ରେସର ନବନିଯୁକ୍ତ ଜିଲ୍ଲା ସଭାପତି ପୁଷ୍ପାରକାନ୍ତି ମହାପାତ୍ରଙ୍କ ପାଇଁ ମାଲିକ ୫ ହଜାର ଟଙ୍କା ଗାଞ୍ଜାରଣ ଓ ପରିବାରକୁ ସୁରକ୍ଷାବ୍ୟବସ୍ଥା ଏକ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଚାଷୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏଥିରେ ମୁଖ୍ୟଅତିଥିଭାବେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ଅଧ୍ୟକ୍ଷ ଅଭୟ ସାହୁ ଯୋଗ ଦେଇ ଧାନ, ପାନ ଓ ମାନର ଜିଲ୍ଲାରେ ଦୃଶ୍ୟମୂଳଭରେ କିଷାନ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ପାଇଁ ଉଣାଟାଣି ଓ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ପ୍ରବାହିତ ସୁବର୍ଣ୍ଣରେଖା, ଜଳକା, ବୁଢ଼ାବଳଙ୍ଗ, ସୋଣ, ପୁଷ୍ପଜ, ଗାଙ୍ଗାହାର, ଜଂଶଜଂଶ ଆଦି ନଦୀରେ ବାରମ୍ବାର ବନ୍ୟାବ୍ୟାଘା ଖରିଫ ଫସଲ କ୍ଷେତ ଦାଖଦିନ ଜଳାଶୟ ହୋଇ ଦିଉରେ ଜଳି ପୁଟିଯାଇଛି । ଏଣୁ ଚାଷୀଙ୍କୁ ପରୀକ୍ଷାର ସହାୟତା ଦେବ



ଆରମ୍ଭ

SEITHO ARAMBHA

ଶୁକ୍ରବାର, ୬ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭



ପାଣି ପାଇଁ ପଂଚାୟତ ଗେଟ୍‌ରେ ତାଲା, ସରପଂଚଙ୍କୁ ବନ୍ଧକ କଲେ ଗ୍ରାମର ମହିଳା

ବଣାଗଁ, ୦୫/୧୧ (ଆ.ପ୍ର) : ଓଡ଼ିଶା ସରକାରଙ୍କ ପାନୀୟ ଜଳ ଯୋଗାଣ ଯୋଜନା ଓଡ଼ିଶାର ଗ୍ରାମାଂଚଳରେ ରହୁଥିବା ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ଆରମ୍ଭ ହୋଇଥିବା ଏକ ପ୍ରମୁଖ ଯୋଜନା ହେଉଛି ବଧୂୟା । ଏହି ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ଗ୍ରାମାଂଚଳର ପ୍ରତ୍ୟେକ ଘରକୁ ପାଇପ ଜରିଆରେ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେବା ଏବଂ ପାନୀୟ ଜଳ ସମସ୍ୟାର ସମାଧାନ କରି ଲୋକଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା । କିନ୍ତୁ କେତେକ ଅଂଚଳରେ ବର୍ତମାନର ସ୍ଥିତି ଓ ସମସ୍ୟା ଯଦି ଦେଖିବା ଏହି ଯୋଜନାରେ ବାସ୍ତବରେ ଲୋକେ ପାଣି ପାଉ ନାହାନ୍ତି । ଓଭରହେଡ୍ ଟ୍ୟାଙ୍କ ଏବଂ ପାଇପ୍ ଲାଇନ୍ ବିଛାଯାଇଥିଲେ ମଧ୍ୟ ଅନେକ ସ୍ଥାନରେ ପାଣି ଆସୁନାହିଁ । ଏମିତି ଏକ ଅଭିଯୋଗ ଆସିଛି ବଣାଗଁ ବ୍ଲକ ଅନ୍ତର୍ଗତ ବଧୂୟା ପଂଚାୟତର ଖୁର୍ ଜଷ୍ଟା ଗ୍ରାମରୁ । ପ୍ରାୟ ୧୦/୧୨ ବର୍ଷ ପୂର୍ବେ ବଧୂୟା ଗ୍ରାମରେ ଏକ ଓଭରହେଡ୍ ପାଣି ଟାଙ୍କି ତିଆରି ହୋଇଥିଲା । ପ୍ରଥମରେ କିଛି ବର୍ଷ ଲୋକେ ପାଣି ପାଇଲେ ପରବର୍ତୀ



ସମୟରେ ପାଇପ୍ ଫାଟିବା ଫଳରେ ବନ୍ଦ ହୋଇଯାଇଥିଲା । ପାଇପ୍ ଫାଟିବା ଜାଣି ବିଭାଗୀୟ ଅଧିକାରୀ ଯାଇ ଅର୍ଥ ମଞ୍ଜୁର କରି ପାଇପ୍ ଠିକ କରିଥିଲେ କିନ୍ତୁ ଠିକା ପାଇଥିବା ଠିକାଦାର ଜଣଙ୍କ ଯେମତେନ କରି ଚାଲିଯାଇଥିଲେ ଫଳରେ ଗ୍ରାମର ପାତ୍ର ପତା, ଡଜ ସାହି ଏବଂ ପଂଚାୟତ ନିକଟସ୍ଥ ଘର ମାନଙ୍କୁ ପାଣି ଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ତଥାପି ଗ୍ରାମର ମଝିରେ ଥିବା ଲୋକେ ପାଣି ପାଇ ନାହାନ୍ତି । ଓଭରହେଡ୍ ଟ୍ୟାଙ୍କ ଏବଂ ପାଇପ୍ ଲାଇନ୍ ବିଛାଯାଇଥିବାରୁ ମଧ୍ୟ ଅନେକ ସ୍ଥାନରେ ପାଣି ଆସୁନାହିଁ । ଏମିତି ଏକ ଅଭିଯୋଗ ଆସିଛି ବଣାଗଁ ବ୍ଲକ ଅନ୍ତର୍ଗତ ବଧୂୟା ପଂଚାୟତର ଖୁର୍ ଜଷ୍ଟା ଗ୍ରାମରୁ । ପ୍ରାୟ ୧୦/୧୨ ବର୍ଷ ପୂର୍ବେ ବଧୂୟା ଗ୍ରାମରେ ଏକ ଓଭରହେଡ୍ ପାଣି ଟାଙ୍କି ତିଆରି ହୋଇଥିଲା । ପ୍ରଥମରେ କିଛି ବର୍ଷ ଲୋକେ ପାଣି ପାଇଲେ ପରବର୍ତୀ ନାହିଁ ବୋଲି ନିଜ ଜିଦ୍ ରେ ଅଡି ବସିଥିଲେ । ସରପଂଚ ଅନନ୍ତ କୁମାର ପଣ୍ଡା ଷ୍ଟେସନରେ ବିଭାଗୀୟ ଯନ୍ତ୍ରୀ ଏବଂ ବଣାଗଁ ବିଡ଼ିଓ ଙ୍କୁ ଏ ବିଷୟରେ ଜଣାଇବା ପରେ ଏହାର ସମାଧାନ ଦିନେ ଦୁଇ ଦିନ ଭିତରେ ହୋଇଯିବାର ପ୍ରତିଶ୍ରୁତି ଦେଇଥିଲେ । ପ୍ରତିଶ୍ରୁତି ପାଇବା ପରେ ମଝିନା ମାନେ ତାଲା ଖୋଲି ଦିଅଁଥିଲୁ ଉଲ୍ଟି ଥିଲେ । ଅନ୍ୟ ପଟେ ବସୁଧା ପରିଚାଳନା କମିଟି ହୋଇଥିବା ଯୋଗୁଁ ଏହି ସମସ୍ୟା ଉପୁଜୁଥିବା ଥିବା କଥା କହିଛନ୍ତି ବିରାଗୀୟ ଯନ୍ତ୍ର । ସରପଂଚଙ୍କ ବିଭୃତି ହେଲା ଆଜକୁ ପାଂଚ ବର୍ଷ ହେଲା ଏହି ପାଇପ୍ ଲାଇନ୍ ବିଛାଯାଇଥିଲା ମଧ୍ୟ ଅନେକ ସ୍ଥାନରେ ପାଣି ଆସୁନାହିଁ । ଏମିତି ଏକ ଅଭିଯୋଗ ଆସିଛି ବଣାଗଁ ବ୍ଲକ ଅନ୍ତର୍ଗତ ବଧୂୟା ପଂଚାୟତର ଖୁର୍ ଜଷ୍ଟା ଗ୍ରାମରୁ । ପ୍ରାୟ ୧୦/୧୨ ବର୍ଷ ପୂର୍ବେ ବଧୂୟା ଗ୍ରାମରେ ଏକ ଓଭରହେଡ୍ ପାଣି ଟାଙ୍କି ତିଆରି ହୋଇଥିଲା । ପ୍ରଥମରେ କିଛି ବର୍ଷ ଲୋକେ ପାଣି ପାଇଲେ ପରବର୍ତୀ ସମୟରେ ପାଇପ୍ ଫାଟିବା ଫଳରେ ବନ୍ଦ ହୋଇଯାଇଥିଲା । ପାଇପ୍ ଫାଟିବା ଜାଣି ବିଭାଗୀୟ ଅଧିକାରୀ ଯାଇ ଅର୍ଥ ମଞ୍ଜୁର କରି ପାଇପ୍ ଠିକ କରିଥିଲେ କିନ୍ତୁ ଠିକା ପାଇଥିବା ଠିକାଦାର ଜଣଙ୍କ ଯେମତେନ କରି ଚାଲିଯାଇଥିଲେ ଫଳରେ ଗ୍ରାମର ପାତ୍ର ପତା, ଡଜ ସାହି ଏବଂ ପଂଚାୟତ ନିକଟସ୍ଥ ଘର ମାନଙ୍କୁ ପାଣି ଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ତଥାପି ଗ୍ରାମର ମଝିରେ ଥିବା ଲୋକେ ପାଣି ପାଇ ନାହାନ୍ତି । ଓଭରହେଡ୍ ଟ୍ୟାଙ୍କ ଏବଂ ପାଇପ୍ ଲାଇନ୍ ବିଛାଯାଇଥିଲେ ମଧ୍ୟ ଅନେକ ସ୍ଥାନରେ ପାଣି ଆସୁନାହିଁ । ଏମିତି ଏକ ଅଭିଯୋଗ ଆସିଛି ବଣାଗଁ ବ୍ଲକ ଅନ୍ତର୍ଗତ ବଧୂୟା ପଂଚାୟତର ଖୁର୍ ଜଷ୍ଟା ଗ୍ରାମରୁ । ପ୍ରାୟ ୧୦/୧୨ ବର୍ଷ ପୂର୍ବେ ବଧୂୟା ଗ୍ରାମରେ ଏକ ଓଭରହେଡ୍ ପାଣି ଟାଙ୍କି ତିଆରି ହୋଇଥିଲା । ପ୍ରଥମରେ କିଛି ବର୍ଷ ଲୋକେ ପାଣି ପାଇଲେ ପରବର୍ତୀ ସମୟରେ ପାଇପ୍ ଫାଟିବା ଫଳରେ ବନ୍ଦ ହୋଇଯାଇଥିଲା । ପାଇପ୍ ଫାଟିବା ଜାଣି ବିଭାଗୀୟ ଅଧିକାରୀ ଯାଇ ଅର୍ଥ ମଞ୍ଜୁର କରି ପାଇପ୍ ଠିକ କରିଥିଲେ କିନ୍ତୁ ଠିକା ପାଇଥିବା ଠିକାଦାର ଜଣଙ୍କ ଯେମତେନ କରି ଚାଲିଯାଇଥିଲେ ଫଳରେ ଗ୍ରାମର ପାତ୍ର ପତା, ଡଜ ସାହି ଏବଂ ପଂଚାୟତ ନିକଟସ୍ଥ ଘର ମାନଙ୍କୁ ପାଣି ଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ତଥାପି ଗ୍ରାମର ମଝିରେ ଥିବା ଲୋକେ ପାଣି ପାଇ ନାହାନ୍ତି । ଓଭରହେଡ୍ ଟ୍ୟାଙ୍କ ଏବଂ ପାଇପ୍ ଲାଇନ୍ ବିଛାଯାଇଥିଲେ ମଧ୍ୟ ଅନେକ ସ୍ଥାନରେ ପାଣି ଆସୁନାହିଁ । ଏମିତି ଏକ ଅଭିଯୋଗ ଆସିଛି ବଣାଗଁ ବ୍ଲକ ଅନ୍ତର୍ଗତ ବଧୂୟା ପଂଚାୟତର ଖୁର୍ ଜଷ୍ଟା ଗ୍ରାମରୁ । ପ୍ରାୟ ୧୦/୧୨ ବର୍ଷ ପୂର୍ବେ ବଧୂୟା ଗ୍ରାମରେ ଏକ ଓଭରହେଡ୍ ପାଣି ଟାଙ୍କି ତିଆରି ହୋଇଥିଲା । ପ୍ରଥମରେ କିଛି ବର୍ଷ ଲୋକେ ପାଣି ପାଇଲେ ପରବର୍ତୀ ସମୟରେ ପାଇପ୍ ଫାଟିବା ଫଳରେ ବନ୍ଦ ହୋଇଯାଇଥିଲା । ପାଇପ୍ ଫାଟିବା ଜାଣି ବିଭାଗୀୟ ଅଧିକାରୀ ଯାଇ ଅର୍ଥ ମଞ୍ଜୁର କରି ପାଇପ୍ ଠିକ କରିଥିଲେ କିନ୍ତୁ ଠିକା ପାଇଥିବା ଠିକାଦାର ଜଣଙ୍କ ଯେମତେନ କରି ଚାଲିଯାଇଥିଲେ ଫଳରେ ଗ୍ରାମର ପାତ୍ର ପତା, ଡଜ ସାହି ଏବଂ ପଂଚାୟତ ନିକଟସ୍ଥ ଘର ମାନଙ୍କୁ ପାଣି ଯୋଗାଣରେ ବ୍ୟାଘାତ ସୃଷ୍ଟ



ସିଥିର ଆରମ୍ଭ
SEITHO ARAMBHA



ଶୁକ୍ରବାର, ୬ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଅବସର ନେଲେ ରୋନାଲ୍ଡୋ



ନୂଆଦିଲ୍ଲୀ, ୫/୧୧(ନ୍ୟୁ.ଏ): ଫୁଟବଲ ଇତିହାସର ଅନ୍ୟତମ କିମ୍ବଦନ୍ତୀ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ଗୁରୁବାର ଅନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଛନ୍ତି । ପର୍ତ୍ତୁଗାଲର ଏହି ୪୧ ବର୍ଷୀୟ ଫୁଟବଲ ଲିଜେଣ୍ଡ ସୋଶାଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି ତାଙ୍କ ଅବସର ଘୋଷଣା କରିଛନ୍ତି । ନଭେମ୍ବର ଅନ୍ତର୍ଜାତୀୟ ବ୍ରେକ୍ ପରେ ସେ ଜାତୀୟ ଦଳର ପ୍ରତିଟି ନମ୍ବର-୭ ଜର୍ସି ଫେରାଇ ଦେବେ ବୋଲି କହିଛନ୍ତି । ରୋନାଲ୍ଡୋ ୨୩୪ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ବେଳେ ୧୪୬ଟି ଗୋଲ୍ କରିଛନ୍ତି । ଅନ୍ତର୍ଜାତୀୟ ଫୁଟବଲରେ ସର୍ବାଧିକ ଗୋଲ୍ ସ୍କୋରର୍ ଏବଂ ସର୍ବାଧିକ ମ୍ୟାଚ୍ ଖେଳିଥିବା ଖେଳାଳି ଭାବରେ ସେ ବିଦାୟ ନେଇଛନ୍ତି । ଭିଡିଓ ମାର୍ଫାରେ ରୋନାଲ୍ଡୋ କହିଛନ୍ତି ଯେ ପର୍ତ୍ତୁଗାଲର ନମ୍ବର-୭ ଜର୍ସି କେବଳ ତାଙ୍କର ନଥିଲା, ବରଂ ଏହା ସମଗ୍ର ଦେଶର ଆଶା ଏବଂ ସ୍ୱପ୍ନର ପ୍ରତୀକ ଥିଲା । ସେ କହିଛନ୍ତି ଯେ ଗତ ୨୩ ବର୍ଷ ଧରି ଏହି ଜର୍ସି ପିନ୍ଧିବା, ଏହାର ସମ୍ମାନ ରକ୍ଷା କରିବା ଏବଂ ବିଶ୍ୱର ତିନିନ୍ଦୁ ଷ୍ଟାଡିୟମରେ ଏହାର ପ୍ରତିନିଧିତ୍ୱ କରିବା ତାଙ୍କ ପାଇଁ ଉଲ୍ଲାସ ଗର୍ବ ଏବଂ ଦାୟିତ୍ୱ ଥିଲା । ଗତ ଦୁଇ ଦଶନ୍ଧି ଧରି ପର୍ତ୍ତୁଗାଲ ଦଳର ମଜ୍ଜି ସମାଜି ଆସୁଥିବେ ରୋନାଲ୍ଡୋ । ତାଙ୍କ ଅଧିନାୟକତ୍ୱରେ ପର୍ତ୍ତୁଗାଲ ୟୁରୋ ୨୦୧୬ ର ଐତିହାସିକ ଟାଇଟଲ୍ ଜିତିଥିଲା । ଏହା ବ୍ୟତୀତ ଦଳ ଦୁଇ ଥର ୟୁଇଏଫଏ ନେସନ୍ସ ଲିଗ୍ ଟ୍ରଫି ମଧ୍ୟ ନିଜ ନାମରେ କରିଥିଲା । ରୋନାଲ୍ଡୋ ଛଅଟି ଫିଫା ବିଶ୍ୱକପ୍‌ରେ ପର୍ତ୍ତୁଗାଲର ପ୍ରତିନିଧିତ୍ୱ କରିଛନ୍ତି । ହେଲେ କେବେ ଫିଫା ବିଶ୍ୱକପ୍ ଜିତି ପାରି ନାହିଁ ପର୍ତ୍ତୁଗାଲ । ଜଣେ ଫୁଟବଲର ଭାବେ ଅନ୍ୟ ସବୁ ସଫଳତା ପାଇଛନ୍ତି । କିନ୍ତୁ କେବେ ଫିଫା ବିଶ୍ୱକପ୍ ବିଜୟୀ ଦଳର ଅଂଶ ହୋଇପାରିଲେ ନାହିଁ । ଜଣେ ଫୁଟବଲ ଖେଳାଳି ଭାବେ ତାଙ୍କର ସେହି ସ୍ୱପ୍ନ ପୂରଣ ହୋଇପାରିଲା ନାହିଁ । ରୋନାଲଡୋଙ୍କ ଶେଷ ଫିଫା ବିଶ୍ୱକପ୍ ଅଭିଯାନ ଆଶା ଅନୁଯାୟୀ ରହିଲା ନାହିଁ । ପର୍ତ୍ତୁଗାଲକୁ ଗ୍ରୁପ୍ ଅଫ୍ ୧୬ ରେ ଥେନ୍ ବିରୁଦ୍ଧରେ ୧-୦ ଗୋଲରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା ଏବଂ ଦଳ ପ୍ରତିଯୋଗିତାରୁ ବାହାରି ଯାଇଥିଲା । ଅନ୍ତର୍ଜାତୀୟ ଫୁଟବଲକୁ ଅବସର ଘୋଷଣା କରିବା ପୂର୍ବରୁ ରୋନାଲ୍ଡୋ ବିଦାବରେ ରହିଥିଲେ । ସ୍ପେନ୍‌ରି ଜାତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଜର୍ଜ ଜେସୁସ୍‌ଙ୍କ ସହିତ ତାଙ୍କର ମତାନ୍ତର ସାମ୍ନାକୁ ଆସିଥିଲା । ରିପୋର୍ଟ ଅନୁଯାୟୀ, ରୋନାଲ୍ଡୋ ଏକ ନେସନ୍ସ ଲିଗ୍ ମ୍ୟାଚରେ ଖେଳିବାକୁ ମନା କରିଦେଇଥିଲେ ଏବଂ ଦଳର ଶିବିର ଛାଡ଼ି ପଳାଇଥିଲେ । ଏହାପରେ ତାଙ୍କୁ ୩୦ ଦିନିଆ ନିଲମ୍ବନ କରାଯାଇଥିଲା, ଯାହାକୁ ସେ ଗ୍ରହଣ କରିଥିଲି ନଥିଲେ । ଏହା ତାଙ୍କ ଅବସର ଘୋଷଣାର ଏକ କାରଣ ହୋଇପାରେ ବୋଲି କୁହାଯାଉଛି । ନଭେମ୍ବରେ ସେ ବିଶ୍ୱକପ୍ ପରେ ପରେ ମଧ୍ୟ ଅବସର ଘୋଷଣା କରିପାରିଥା'ନ୍ତେ ବୋଲି କୁହାଯାଉଛି । ପ୍ରାୟ ଅଢ଼େଇ ଦଶନ୍ଧି ଧରି ବିଶ୍ୱର ତିନିନ୍ଦୁ ଫୁଟବଲ୍ ମଇଦାନରେ ରାଜ୍ କରିଥିବା କ୍ରିଷ୍ଟିଆନୋ ରୋନାଲଡୁଙ୍କ ସନ୍ଧ୍ୟାସ୍ତ ସହିତ ଅନ୍ତର୍ଜାତୀୟ ଫୁଟବଲର ଏକ ସ୍ୱର୍ଣ୍ଣିମ ଅଧ୍ୟାୟର ଅନ୍ତ ଘଟିଛି । ତାଙ୍କ ନାମରେ ଥିବା ରେକର୍ଡ଼, ଟ୍ରଫି ଏବଂ ସ୍ମରଣୀୟ ପ୍ରଦର୍ଶନ ଆସନ୍ତା ପିଢ଼ି ପାଇଁ ପ୍ରେରଣା ହୋଇ ରହିବ ।

ହକି ଏସିଆନ ଚାମ୍ପିଅନ୍ସ ଟ୍ରଫି : ସେମିରେ ୮-୧ରେ ଦକ୍ଷିଣ କୋରିଆକୁ ହରାଇଲା ଭାରତ



ଜଳନ୍ଧର, ୫/୧୧(ନ୍ୟୁ.ଏ): ପଞ୍ଜାବର ଜଳନ୍ଧରରେ ଚାଲିଥିବା ନବମ ପୁରୁଷ ହକି ଏସିଆନ ଚାମ୍ପିଅନ୍ସ ଟ୍ରଫିରେ ଭାରତ ସେମି ଫାଇନାଲରେ ୮-୧ ଗୋଲରେ ଦକ୍ଷିଣ କୋରିଆକୁ ହରାଇ ଫାଇନାଲରେ ପ୍ରବେଶ କରିଛି । ଆଜି ସ୍ୱର୍ଗ ଇଡ଼େନରେ ଦଳ ଜାପାନକୁ ଭେଟିବ । ଭାରତ ଦେଶ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା । ମ୍ୟାଚକୁ ଦଳ ଆରମ୍ଭରୁ (୪ର୍ଥ ମିନିଟ) ଶେଷ ପର୍ଯ୍ୟନ୍ତ ନିୟନ୍ତ୍ରଣରେ ରଖିଥିଲା । ଓଡ଼ିଆ ଫରୱାର୍ଡ ଶିବାନନ୍ଦ ଲାକ୍ରା ପ୍ରଥମେ ଗୋଲ୍ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ । ନବମ ମିନିଟରେ ହର୍ମନପ୍ରୀତ ସିଂ ଦ୍ୱିତୀୟ ଏବଂ ୧୩ ମିନିଟରେ ଶିଳାନନ୍ଦ ତୃତୀୟ ଗୋଲ ସ୍କୋର କରିଥିଲେ । ୯ମ ମିନିଟରେ ଦକ୍ଷିଣ କୋରିଆ ଗୋଟିଏ ଗୋଲ ପରିଶୋଧ କରିଥିଲା । ଦ୍ୱିତୀୟ କ୍ୱାର୍ଟରରେ ୨୧ ମିନିଟରେ ସୁଖଜିତ ସିଂ ଏବଂ ୨୧ ଓ ୨୫ ମିନିଟରେ ବିରପ୍ରୀତ ସିଂ ଗୋଲ ଦେଇ ଦଳକୁ ୬-୧ ଗୋଲରେ ଆଗୁଆ କରାଇଥିଲେ । କୋରିଆ ମ୍ୟାଚକୁ ଫେରିବା ନେଇ ଜୋରଦାର ପ୍ରୟାସ କରିଥିଲା । କିନ୍ତୁ ଭାରତୀୟ ଖେଳାଳି କୌଣସି ସୁଯୋଗ ଦେଇ ନଥିଲେ । ପୁଣି ୩୬ ମିନିଟରେ ଅଙ୍ଗଦ ସିଂ ୫୫ ମିନିଟରେ ଡିଡେକ ସାଗର ପ୍ରସାଦ ଆଉ ୨ଟି ଗୋଲ ଦେଇଥିଲେ । ଭାରତ ୮-୧ରେ ଅଗ୍ରଣୀ ହେବା ପରେ ଦକ୍ଷିଣ କୋରିଆ ଚାପ ସୃଷ୍ଟି କରିଥିଲା । ତଥାପି ଦଳ ଶେଷ ୬ ମିନିଟରେ ଜଡ଼ା ଟକୁର ଦେଇଥିଲା । ଶେଷରେ କୋରିଆ ପରାଜିତ ହୋଇ ସ୍ୱର୍ଗ ଗୌରବୁ ବାଦ ପଡ଼ିଥିଲା । ଅନ୍ୟ ଏକ ସେମି ଫାଇନାଲରେ ଜାପାନ ମାଲେସିଆ ମ୍ୟାଚ ନିର୍ଦ୍ଧାରିତ ସମୟ ଗୋଲ ଶୂନ୍ୟ ରହିଥିଲା । ଶେଷରେ ସୁଟଆଉଟ୍‌ରେ ଜାପାନ ୫-୩ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା । ଆଜି ଦ୍ୱୋଷ ଇଡ଼େନରେ ଦକ୍ଷିଣ କୋରିଆ ଓ ମାଲେସିଆ ମୁହାଁମୁହିଁ ହେବେ ।

ହର୍ମୁଜ୍‌ରେ ଭାରତକୁ ଇରାନର ଗ୍ରୀନ୍ ସିଗନାଲ୍



ନୂଆଦିଲ୍ଲୀ, ୫/୧୧(ନ୍ୟୁ.ଏ): ହର୍ମୁଜ୍ ପ୍ରଣାଳୀରେ ଭାରତୀୟ ଜାହାଜକୁ ନେଇ ଇରାନର ବଡ଼ ନିଷ୍ପତ୍ତି । ଭାରତୀୟ ବାଣିଜ୍ୟିକ ଜାହାଜ ଉପରେ ଲାଗିବନି ଟ୍ରାଞ୍ଜିଟ୍ କଟକଣା । ଭାରତ ସମେତ ଚୀନ୍, ଇରାକ୍ ଓ କତାରର ବାଣିଜ୍ୟିକ ଜାହାଜକୁ ଏହି ଜଳପଥ ଦେଇ ମୁକ୍ତ ଭାବେ ଯାତାୟାତ ପାଇଁ ଅନୁମତି ଦେଇଛି ଇରାନ । ଇରାନ ସଂସଦର ଜାତୀୟ ସୁରକ୍ଷା ଓ ବୈଦେଶିକ ନୀତି କମିଟିର ଉପାଧ୍ୟକ୍ଷ ଅମିର ହାୟତ୍-ମୋଘଦମ୍ ଏନେଇ ସୂଚନା ଦେଇଛନ୍ତି । ଇରାନର ଏହି ନିଷ୍ପତ୍ତି ଭାରତ ପାଇଁ ଦେଖି ଗୁରୁତ୍ୱପୂର୍ଣ୍ଣ । ଭାରତ ଦେଶର ଶକ୍ତି ଆବଶ୍ୟକତା ପୂରଣ ପାଇଁ ଭାରତ ବିପୁଳ ପରିମାଣର ଅଶୋଧିତ ତୈଳ ଓ ଗ୍ୟାସ୍ ଆମଦାନୀ ଉପରେ ନିର୍ଭର କରେ । ଭାରତର ମୋଟ ଅଶୋଧିତ ତୈଳ ଆମଦାନୀର ପ୍ରାୟ ୩୦ ପ୍ରତିଶତ ହର୍ମୁଜ୍ ପ୍ରଣାଳୀ ଦେଇ ଆସିଥାଏ । ସେହିପରି ଦେଶର ପ୍ରାୟ ୯୦ ପ୍ରତିଶତ ଏଲ୍‌ପିଜି ଆମଦାନୀ ଏହି ଜଳପଥ ଉପରେ ନିର୍ଭରଶୀଳ । ଏହାବ୍ୟତୀତ କତାର ଓ ୟୁଏଇରୁ ଭାରତକୁ ଆସୁଥିବା ୫୦ ପ୍ରତିଶତରୁ ଅଧିକ ଗ୍ୟାସ୍ ମଧ୍ୟ ହର୍ମୁଜ୍ ପ୍ରଣାଳୀ ଦେଇ ଆସିଥାଏ । ଚେବନ୍ତ ତିନ ଓ ଗ୍ୟାସ୍ ନୁହେଁ, ସାର ଆମଦାନୀ କ୍ଷେତ୍ରରେ ମଧ୍ୟ ଏହି ଜଳପଥର ଗୁରୁତ୍ୱ ରହିଛି । ଏପରି ସ୍ଥିତିରେ ଭାରତୀୟ ଜାହାଜ ପାଇଁ ଯାତାୟାତ କଟକଣା ନଥିବା ନିଷ୍ପତ୍ତି ଦେଶର ତୈଳ, ଗ୍ୟାସ୍, ସାର ଓ ଔଷଧ ଯୋଗାଣ କ୍ଷେତ୍ରରେ ଆଶ୍ୱସ୍ତି ଆଣିପାରେ । ସୂଚନା ଅନୁସାରେ, ଏହି ଜଳପଥ ଦେଇ ଯାତାୟାତ କରୁଥିବା ଭାରତୀୟ ଓ ଚୀନ୍ ଜାହାଜଠାରୁ ଇରାନ ଟ୍ରାଞ୍ଜିଟ୍ ଶୂନ୍ୟ ଆଦାୟ କରୁଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା । ତେବେ ଏବେ ଭାରତୀୟ ବାଣିଜ୍ୟିକ ଜାହାଜକୁ ମୁକ୍ତ ଯାତାୟାତର ଅନୁମତି ମିଳିବା ଦ୍ୱାରା ସାମୁଦ୍ରିକ ବାଣିଜ୍ୟ ଓ ଜରୁରୀ ସାମଗ୍ରୀ ଯୋଗାଣରେ ସହଜତା ଆସିବା ଆଶା କରାଯାଉଛି ।

ଅନୁପ୍ରବେଶକାରୀଙ୍କୁ ଖୋଜି ଖୋଜି ଦେଶରୁ ବାହାର କରିବୁ : ଶାହ



ନୂଆଦିଲ୍ଲୀ, ୫/୧୧(ନ୍ୟୁ.ଏ): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜି ହରିୟାଣା ଗସ୍ତରେ ଅଛନ୍ତି । ଏହି ଅବସରରେ ସେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କରନାଲରୁ ଏକ କିଲୋମିଟର ଯାଏଁ 'ଗଣତନ୍ତ୍ର ବଂଚାଅ, ଅରାଜକତା ହଟାଅ' ପଦଯାତ୍ରାର ନେତୃତ୍ୱ ନେଇଥିଲେ । ମଂଚରୁ ସମ୍ବୋଧିତ କରି ଅମିତ ଶାହ କହିଛନ୍ତି ଯେ କଂଗ୍ରେସର ଅରାଜକତା ଏବଂ ତୁଷ୍ଟୀକରଣ ରାଜନୀତି ଏବେ ସମ୍ପୂର୍ଣ୍ଣ ଭାବରେ ଏକ୍ସପୋଜ୍ ହୋଇସାରିଛି । ଦେଶବାସୀ ଏହା ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, 'ଆଜି ଆମର ବିଜେପି ଦ୍ୱାରା ଆୟୋଜିତ 'ଗଣତନ୍ତ୍ର ବଂଚାଅ, ଅରାଜକତା ହଟାଅ' ରାଲିର ଶେଷ ଦିନ । ଅକ୍ଟୋବର ୨୨ ରୁ ନଭେମ୍ବର ୫ ପର୍ଯ୍ୟନ୍ତ, ଏହି ରାଲି ଦେଶଯୋଡ଼ା ବଜାୟ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା, ଆମେ ସମାନ ଉତ୍ସାହ ଏବଂ ପ୍ରବଳ ଭିଡ଼ ଦେଖିଲୁ । ଦେଶର ରାସ୍ତାଘାଟରେ ଆମର ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ପ୍ରବଳ ଜନ ସମର୍ଥନ ଦେଖାଇଥିଲା' ରାହୁଲ ଗାନ୍ଧୀଙ୍କୁ ୩ ଜୋଡି ଅନୁପ୍ରବେଶକାରୀଙ୍କ ଚିଲ୍ଲା । ଆମେ ଏକ୍ସଆଇଆର ଉପରେ ବିଶେଷ ଅଧିବେଶନ ଡକାଇବାକୁ ପ୍ରସ୍ତୁତ । ଆମେ ଅନୁପ୍ରବେଶକାରୀଙ୍କୁ ଖୋଜିଖୋଜି ଦେଶରୁ ବାହାର କରିବାକୁ ଦେଖା କରୁଛୁ । ଅମିତ ଶାହ କହିଛନ୍ତି ଯେ ଗଣତନ୍ତ୍ରରେ ସଂସଦ ଆଲୋଚନା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ରାହୁଲ ଗାନ୍ଧୀ ସଂସଦକୁ ଚାଲିବାକୁ ଦିଅନ୍ତି ନାହିଁ ଏବଂ ବିଜୁନୁ ପ୍ରସଙ୍ଗରେ ଆଲୋଚନା କରନ୍ତି ନାହିଁ । କଂଗ୍ରେସ ଶବ୍ଦ ଏବଂ ସଂସଦ ବର୍ଜନକୁ ଏକ ସଂସ୍କୃତି କରିଛି । ସେମାନେ ସଂସଦ ଚାଲିବାକୁ ଚାହାନ୍ତି ନାହିଁ ଏବଂ ରାସ୍ତାରେ ଜିଦ୍ ଜମା କରି ବିଶୃଙ୍ଖଳା ସୃଷ୍ଟି କରନ୍ତି । କଂଗ୍ରେସ ରାଜି ପାଇଁ ନଭେମ୍ବର ୧ ତାରିଖକୁ ବାଛିଥିଲା । ୧୯୮୪ ମସିହାରେ ଏହି ଦିନ କଂଗ୍ରେସ ଶିଖ ଦଙ୍ଗାକୁ ଉତ୍ସୁକାଇଥିଲା । ଶିଖ ଲୋକଙ୍କୁ ହତ୍ୟା କରାଯାଇଥିଲା । ଶିଖ ଲୋକଙ୍କ ନରସଂହାର ହୋଇଥିଲା । ଶାହା କହିଛନ୍ତି ଯେ ଦେଶର ଜନତା ରାହୁଲ ଗାନ୍ଧୀ, କଂଗ୍ରେସ ଏବଂ ଅଖିଳ ଭାରତୀୟ ମେଂଟ ସହିତ ନାଆନ୍ତି । ଆମର ପ୍ରତ୍ୟେକ ରାଲିରେ ହଜାର ହଜାର ଲୋକ ସାମିଲ ହୁଅନ୍ତି । ଆପଣ ଦେଶ ସାରାରୁ ଲୋକଙ୍କୁ ଦିଲ୍ଲୀକୁ ନିମନ୍ତ୍ରଣ କରିଥିଲେ, ୧୦ ଲକ୍ଷ ଲୋକଙ୍କୁ ଜଇିବାର । ଷ୍ଟାଡିୟମର କ୍ଷମତା ମାତ୍ର ୭୦,୦୦୦, ଏବଂ ତାହା ମଧ୍ୟ ଅଧା ଖାଲି ଥିଲା । ଏବେ ଆଉ ଜନସାଧାରଣ ବୋକା ହେବେ ନାହିଁ । ରାହୁଲଙ୍କୁ ଜଣାଅଛି ସେ ହରିଡାକୁ ଯାଉଛନ୍ତି । ତେଣୁ ନିଜ ପରାଜୟ ପାଇଁ ସେ ଏସଆଇଆରକୁ ଦୋଷ ଦେଉଛନ୍ତି । ୨୦୧୪ରେ SIR କେଉଁଠି ଥିଲା ? ସେତେବେଳେ ତୁମେ ସମ୍ପୂର୍ଣ୍ଣ ନିର୍ବିହ୍ନ ହୋଇଯାଇଥିଲ । ୨୦୧୯ରେ SIR କେଉଁଠି ଥିଲା ? ସେତେବେଳେ ମଧ୍ୟ ତୁମେ ହାରିଲ । ୨୦୨୪ରେ ମଧ୍ୟ କୌଣସି SIR ନଥିଲା, ତଥାପି ତୁମେ ହାରିଲ । ହରିୟାଣାରେ କୌଣସି ଝଞ୍ଜଟ ନଥିଲା । ମହାରାଷ୍ଟ୍ରରେ କୌଣସି SIR ନଥିଲା । ତୁମେ ସତ୍ତରି ଯାଗିଛଲ, ଏବଂ ଏବେ ତୁମେ ଦାବି କରୁଛ ଯେ ୧ କୋଟି ଭୋଟ୍ କାଢ଼ି ଦିଆଯାଇଛି! ମୁଁ ରାହୁଲଙ୍କୁ ଧିଆଲଖଣ୍ଡ ବ୍ୟାଲେଞ୍ଜ କରିବାକୁ ଚାହୁଁଛି । ତୁମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିତର୍କ ପାଇଁ ଚ୍ୟାଲେଞ୍ଜ କରିବାକୁ ଚାହୁଁଛ ନା ? ଯଦି ତୁମେ ବିତର୍କ କରିବାକୁ ଚାହୁଁଛ, ତେବେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏକ ଚିଠି ଲେଖ । ଆମେ ଏସଆଇଆର ପଛିୟା ଉପରେ ଚର୍ଚ୍ଚା କରିବା ପାଇଁ ସଂସଦରେ ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ପ୍ରସ୍ତୁତ ।

ଦୁଇ ଇସିଙ୍କ ଆପତି ପରେ ଫର୍ମ-୬ରୁ ଏସ୍‌ରଆଇଆର ଘୋଷଣାପତ୍ରକୁ ଅଲଗା କଲେ ନିର୍ବାଚନ କମିସନ



ନୂଆଦିଲ୍ଲୀ, ୫/୧୧(ନ୍ୟୁ.ଏ): ଦୁଇ ନିର୍ବାଚନ କମିସନରଙ୍କ ତୀବ୍ର ଆପତ୍ତି ପରେ ଶେଷରେ ଗାରତୀୟ ନିର୍ବାଚନ କମିସନ (ଇସିଆଇ) ଅନ୍‌ଲାଇନ୍ ଭୋଟର ପଞ୍ଜୀକରଣ ଫର୍ମ-୬ରୁ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ସମ୍ବନ୍ଧିତ ଘୋଷଣାପତ୍ରକୁ ସମ୍ପୂର୍ଣ୍ଣ ଅଲଗା କରିଛନ୍ତି । ଏଣିକି ଏହି ଦୁଇଟି ଦସ୍ତାବିଜ ଅଲଗା ଅଲଗା ଦାଖଲ କରିବାକୁ ପଡ଼ିବ । ଏଥିପାଇଁ ପୃଥକ ଓଟିପି ଓ ଇ-ସ୍ୱାକ୍ଷର ଆବଶ୍ୟକ ହେବ । ଯେଉଁ ରାଜ୍ୟଗୁଡ଼ିକରେ ଏସ୍‌ଆଇଆର ଜାରି ରହିଛି, ସେଠାରେ ଏହି ନିୟମ ଲାଗୁ ହେବ । ଫର୍ମ-୬ ରେଖାଙ୍କି ନୂଆ ଭୋଟରଙ୍କ ନାମ ଭୋଟର ତାଲିକାରେ ସାମିଲ କରିବା ପାଇଁ ଉଦ୍ଦିଷ୍ଟ ଦ୍ୱିତୀୟ ଆବେଦନପତ୍ର । ଏହା ସହିତ ଏସ୍‌ଆଇଆର ସମ୍ବନ୍ଧିତ ଏକ ଘୋଷଣାପତ୍ର ମଧ୍ୟ ଯୋଡ଼ାଯାଇଥିଲା । ଏଥିରେ ଆବେଦନକାରୀଙ୍କ ନାମ କିମ୍ବା ତାଙ୍କ ପିତାମାତା ଅଥବା ଜେଜେବାପା, ଜେଜେମା'ଙ୍କ ନାମ ୨୦୦୩ ମସିହାର ପୂର୍ବବର୍ତ୍ତୀ ସଘନ ସଂଶୋଧନ ସମୟର ଭୋଟର ତାଲିକାରେ ଥିବା ନେଇ ସେମାନେ ଯୁକ୍ତି ଦେଇଥିଲେ । ଏହି ପ୍ରସଙ୍ଗରେ ନିର୍ବାଚନ କମିସନ ଗତ ଅକ୍ଟୋବର ୨୬ ତାରିଖରେ ସୁପ୍ରିମ୍‌କୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ ସ୍ପଷ୍ଟ କରିଥିଲେ ଯେ ଫର୍ମ-୬ରେ କୌଣସି ସଂଶୋଧନ କରାଯାଇନାହିଁ । ତେବେ ଅନ୍‌ଲାଇନ୍‌ରେ ଉଭୟ ଦସ୍ତାବିଜକୁ ଗୋଟିଏ ପୃଷ୍ଠାରେ ରଖିବା ଫଳରେ ଫର୍ମରେ ପରିବର୍ତ୍ତନ ହୋଇଥିବା ଭଳି ଧାରଣା ସୃଷ୍ଟି ହେଉଥିବା ଦେଖି ନିର୍ବାଚନ କମିସନ ସ୍ୱୀକାର କରିଥିଲେ । ଏହାପରେ ଅକ୍ଟୋବର ୨୧ ତାରିଖରେ ନିର୍ବାଚନ କମିସନ ଉଭୟ ଦସ୍ତାବିଜକୁ ଅଲଗା କରିବାକୁ ନିଷ୍ପତ୍ତି ନେଇଥିଲେ । କାରଣପତ୍ରରେ ଯେପରି ଦୁଇଟି ଅଲଗା ଫର୍ମ ଦାଖଲ କରାଯାଇପାରିବ, ଅନ୍‌ଲାଇନ୍‌ରେ ମଧ୍ୟ ସେହି ବ୍ୟବସ୍ଥା ଲାଗୁ କରାଯାଇଛି । ଉଲ୍ଲେଖଯୋଗ୍ୟ, ନିର୍ବାଚନ କମିସନଙ୍କ କାର୍ଯ୍ୟପ୍ରଣାଳୀ ଓ ଏସ୍‌ଆଇଆର ସମ୍ବନ୍ଧିତ ନିଷ୍ପତ୍ତିକୁ ନେଇ ଗତ ୧୦ ମାସ ମଧ୍ୟରେ ଦୁଇ କମିସନର ଅନ୍ତତଃ ୧୪ ଥର ଆପତ୍ତି ଉଠାଇଥିବା ନେଇ ପୂର୍ବତ୍ତ ରିପୋର୍ଟ ପ୍ରକାଶ ପାଇଥିଲା । ଫର୍ମ-୬ରୁ ଘୋଷଣାପତ୍ରକୁ ଅଲଗା କରିବା ନିଷ୍ପତ୍ତିକୁ ସେହି ଆପତ୍ତିଗୁଡ଼ିକର ପରିଣାମ ସ୍ୱରୂପ ଏକ ପ୍ରମୁଖ ପଦକ୍ଷେପ ବୋଲି ମନେ କରାଯାଉଛି ।

ନିମ୍ନମାନର ଔଷଧ ଉତ୍ପାଦନ କଲେ ବାତିଲ ହେବ ଲାଇସେନ୍ସ



ନୂଆଦିଲ୍ଲୀ, ୫/୧୧(ନ୍ୟୁ.ଏ): ଔଷଧର ଗୁଣବତ୍ତା ନେଇ କେନ୍ଦ୍ର ସରକାର କଠୋର ହେବାକୁ ଯାଉଛନ୍ତି । ନିମ୍ନମାନର ଔଷଧ ଉତ୍ପାଦନ କରୁଥିବା କମ୍ପାନିଗୁଡ଼ିକର ଉତ୍ପାଦନ ଲାଇସେନ୍ସ ତୁରନ୍ତ ସ୍ଥଗିତ ରଖିବାକୁ ସରକାର ପ୍ରସ୍ତାବ ଦେଇଛନ୍ତି । ଏଥିପାଇଁ ୧୯୪୫ ମସିହାର ଡ୍ରଗ୍ସ ଲୁଲ ?ସ ?ରେ ସଂଶୋଧନ ଆଣିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଯୋଜନା କରିଛି । ଏଥିଗୁଡ଼ା ଗୁଣବତ୍ତା ପରୀକ୍ଷାରେ ବିଫଳ ହେଉଥିବା ଔଷଧର ଉତ୍ପାଦନ ଓ ବିକ୍ରି ଉପରେ ଶୀଘ୍ର ରୋକ୍ ଲଗାଯାଇପାରିବ । ବର୍ତ୍ତମାନ ନିୟମ ଅନୁଯାୟୀ, କୌଣସି ଔଷଧ ନିମ୍ନମାନର ବୋଲି ଜଣାପଡ଼ିଲେ ଏହାର ଉତ୍ପାଦନ ଲାଇସେନ୍ସ ତାତିଲ କିମ୍ବା ସ୍ଥଗିତ କରିବା ପୂର୍ବରୁ କମ୍ପାନିକୁ କାରଣ ଦର୍ଶାଓ ନୋଟିସ୍ ଦେବା ସହ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ପାଳନ କରିବାକୁ ପଡ଼ୁଛି । ଏହି ପ୍ରକ୍ରିୟାରେ ବିତ୍ତସ ହେଉଥିବାରୁ ନିମ୍ନମାନର ଔଷଧ ବଜାରରେ ରହିବାର ଆଶଙ୍କା ରହୁଛି । ଏହାକୁ ରୋକିବା ପାଇଁ ସରକାର ନୂଆ ବ୍ୟବସ୍ଥା ଆଣିବାକୁ ଚାହୁଁଛନ୍ତି । ପ୍ରସ୍ତାବିତ ନିୟମ ଅନୁଯାୟୀ, ସରକାରୀ ଔଷଧ ବିଶ୍ଳେଷକଙ୍କ ପରୀକ୍ଷା ରିପୋର୍ଟରେ କୌଣସି ଔଷଧ ନିର୍ଦ୍ଧାରିତ ଗୁଣବତ୍ତା ମାନ ପୂରଣ କରୁନଥିବା ଜଣାପଡ଼ିଲେ ତୁରନ୍ତ ଉତ୍ପାଦନ ଲାଇସେନ୍ସ ସ୍ଥଗିତ କରାଯାଇପାରିବ । ଔଷଧରେ ବହୁଳ ଉତ୍ପାଦନର ମାତ୍ରା (ଆସେ), ଶୁଦ୍ଧାରେ ଔଷଧ ଦ୍ରବୀଭୂତ ହେବାର କ୍ଷମତା (ଡିସଲ୍ୟୁସନ), ଅନ୍ୟ ପଦାର୍ଥର ଉପସ୍ଥିତି, ଅଶୁଦ୍ଧତା ଏବଂ ଜୀବାଣୁମୁକ୍ତ ରହିବା ଭଳି ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡରେ ତ୍ରୁଟି ଥିଲେ ଏହି କାର୍ଯ୍ୟାନୁଷ୍ଠାନ ହେବ । ତେବେ ଲାଇସେନ୍ସ ସ୍ଥଗିତ ହେବା ପରେ କମ୍ପାନିଗୁଡ଼ିକ ତୁରନ୍ତ ପୁଣି ଉତ୍ପାଦନ ଆରମ୍ଭ କରିପାରିବେ ନାହିଁ । ଔଷଧର ଗୁଣବତ୍ତାରେ ତ୍ରୁଟି ଚିହ୍ନଟ କରାଯାଇପାରିବ । ଔଷଧର ସମ୍ପୂର୍ଣ୍ଣ ଉତ୍ପାଦନ ପ୍ରକ୍ରିୟା ଉପରେ ନଜର ରଖିବାକୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ